## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ । ସ୍ଥାନ–ମିନି ଷ୍ଟାଡିୟମ ପରିସର । ସମୟ–ଅପରାହ୍ନ ସାଢେ ୪ଟା ।

**ଅନୁଗୋଳ**

- ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ । ସ୍ଥାନ– ଅନୁଗୋଳ ଗାନ୍ଧୀ ପାର୍କ । ସମୟ– ପୂର୍ବାହ୍ନ ୮ ଘଟିକା ।
- ଅନୁଗୋଳ ସହରକୁ ଖୋଲା ମଳମୁକ୍ତ ଘୋଷଣାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ସ୍ଥାନ– ମଦନମୋହନପଡ଼ା ସ୍ଥିତ ଟାଉନ୍‌ହଲ । ସମୟ– ପୂର୍ବାହ୍ନ ୧୦ ଘଟିକା ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଛେଣ୍ଡିପଦା,୧।୧୦(ସ୍ୱ.ପ୍ର)- ଖବରଦାତାଙ୍କ ଉପରେ ଆକ୍ରମଣ ଘଟଣାକୁ ଛେଣ୍ଡିପଦା ବ୍ଲକ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସୋମବାର ସଂଘ ସଭାପତି ଯଶୋବନ୍ତ ବେହେରାଙ୍କ ନେତୃତ୍ୱରେ ତହସିଲ ଅଫିସ ସମ୍ମୁଖରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ବ୍ଲକର ଖବରଦାତାମାନେ କଳାବ୍ୟାଜ୍ ପିନ୍ଧି ଘଟଣାର ପ୍ରତିବାଦ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ଜମିହରାଙ୍କ ସମସ୍ୟା ସମାଧାନ ହେଉନି

# ୯ରୁ କମ୍ପାନୀ କାର୍ଯ୍ୟାଳୟରେ ତାଲା



ହିନ୍ଦୋଳ,୧।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଝାଡବନ୍ଧଠାରେ ରୁଙ୍ଗଟା କମ୍ପାନୀ ଜମିହରା ପ୍ରଜାଙ୍କୁ ଅଣଦେଖା କରୁଛି। ବାରମ୍ବାର ଦାବି ଆପତ୍ତି ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତଙ୍କ ସମସ୍ୟା ଶୁଣୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏଣୁ ଆସନ୍ତା ୯ ତାରିଖରୁ ଜମିହରାମାନେ କମ୍ପାନୀ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ସୋମବାର ଚେତାବନୀ ଦିଆଯାଇଛି।

ଅଭିଯୋଗ ମୁତାବକ, ଗତ ସେପ୍ଟେମ୍ବର ୧୭ରେ ୧୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ, ଉପଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଥିଲା। ସମସ୍ତ ଜମିହରା ପ୍ରଜାଙ୍କୁ ପରିଚୟପତ୍ର ପ୍ରଦାନ, ନିଯୁକ୍ତି ଦେବା ପର୍ଯ୍ୟନ୍ତ ଭତ୍ତା ପ୍ରଦାନ, ଜମିର ପୁନଃ ମୂଲ୍ୟାୟନ କରି ଉଚିତ ପ୍ରାପ୍ୟ ଦେବା, ପାନୀୟ ଜଳ ଯୋଗାଣ, ବୈଷୟିକ ତାଲିମ ପ୍ରଦାନ ସହ ନିଯୁକ୍ତି ପ୍ରଦାନ, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ପାରିପାର୍ଶ୍ୱିକ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ ପୂର୍ବରୁ ଗ୍ରାମ୍ୟ କମିଟିକୁ ଅବଗତ କରିବା, କମ୍ପାନୀ ନିଜ ରାସ୍ତାରେ ପରିବହନ କରିବା ଏବଂ ଗ୍ରାମରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ଆଦି ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ଏହି ସବୁ ଦାବି ପୂରଣ ପାଇଁ କମ୍ପାନୀ ପ୍ରତିଶ୍ରୁତି ଦେଇଥିଲେ ଏହା କରାଯାଉ ନାହିଁ। ଆସନ୍ତା ୮ ତାରିଖ ମଧ୍ୟରେ ଉକ୍ତ ଦାବିଗୁଡିକ ପୂରଣ ନ ହେଲେ ୯ ତାରିଖଠାରୁ କମ୍ପାନୀ କାର୍ଯ୍ୟକୁ ବିରୋଧ କରାଯିବା ସହ ଆନ୍ଦୋଳନ କରାଯିବ ବୋଲି ସୋମବାର ଗ୍ରାମବାସୀ ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ଗ୍ରାମ ସଭାପତି ଗଣେଶ୍ୱର ସାହୁ, ସମ୍ପାଦକ ସମରେନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ପ୍ରଦ୍ୟୁମ୍ନ ବିଶ୍ୱାଳ, ପଞ୍ଚାନନ ଦାସ, ମୁନା ସାହୁ, ବ୍ରହ୍ମାନନ୍ଦ ସାହୁ, ରାଜେନ୍ଦ୍ର ସାହୁ, କାଳିଆ ନାୟକ, ପ୍ରମୋଦ ବେହେରା, ଇନ୍ଦ୍ରମଣି ସାହୁ, ଅଲେଖ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି।

## ଚୋରା ବନ୍ଧୁକ ଜବତ, ଜଣେ ଗିରଫ

ଢେଙ୍କାନାଳ ଅଫିସ,୧।୧୦

ଢେଙ୍କାନାଳ ଜିଲା ସଦର ଥାନା ପଦ୍ମନାଭପୁର ଗ୍ରାମରେ ସୋମବାର ସକାଳେ ପୋଲିସ ଚଢାଉ କରି ନିବାସ ପ୍ରଧାନଙ୍କ ଘରୁ ଏକ ଚୋରା ଦେଶୀ ବନ୍ଧୁକ ଜବତ କରିଛି। ଏଥିସହିତ ନିବାସଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୪୩୯/୧୮, ଦଫା ୨୫ ଆର୍ମସ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଥିବା ସଦର ଥାନା ଅଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି।

# ବାପୁଜୀ କ୍ଲବ ସିଆରିଆ ବିଜୟୀ

ଢେଙ୍କାନାଳ ଅଫିସ,୧।୧୦

ଢେଙ୍କାନାଳ ଜିଲା କ୍ରୀଡା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ମ୍ୟାଚରେ ବାପୁଜୀ କ୍ଲବ ୨–୧ ଗୋଲରେ ସିଆରିଆ ମର୍ଣ୍ଟ କ୍ଲବ(ବି)କୁ ପରାସ୍ତ କରି ୩ ପଏଣ୍ଟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଶ୍ରୀକାନ୍ତ ବେହେରା ଓ ଅନିଲ ଦାସ ଗୋଟିଏ ଲେଖାଏ ଗୋଲ ପ୍ରଦାନ କରିଥିଲେ। ମର୍ଣ୍ଟ କ୍ଲବ(ବି) ପକ୍ଷରୁ ଚନ୍ଦନ ସ୍ୱାଇଁ ଗୋଟିଏ ଗୋଲ ଦେଇଥିଲେ। ରେଫରୀ ପର୍ଶୁରାମ ମିଶ୍ର, ଅନିଲ କୁମାର ନନ୍ଦ, ସୁଶୀଲ କୁମାର ପଣ୍ଡା ଓ ପ୍ରତାପ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ କ୍ରୀଡାବିତ ଶତ୍ରୁଘ୍ନ ମାଟି, ସଚିନ୍ଦ୍ର ବର୍ମା ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ସଂଘର ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠି, ମନୋଜ ପଟ୍ଟନାୟକ, ଶ୍ୟାମସୁନ୍ଦର ମହାପାତ୍ର ଓ ଅଜୟ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ମଙ୍ଗଳବାର ନେତାଜୀ କ୍ଲବ ସହିତ ଆଇଜିଆଇଟି ସରାଙ୍ଗ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

## ଜାତୀୟସ୍ତର କବାଡିକୁ ୨ ମନୋନୀତ

ଢେଙ୍କାନାଳ ଅଫିସ,୧।୧୦

ମଧ୍ୟପ୍ରଦେଶର ହାଥିପିଲିଆ ଓ ଦେବାସଠାରେ ୧ ରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଜାତୀୟ କବାଡି ପ୍ରତିଯୋଗିତାରେ ଓଡିଶା ଦଳ ନିମନ୍ତେ ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର ଭାଗୀରଥିପୁର ଉଚ୍ଚ ବିଦ୍ୟାଳୟର ଦୁଇ ଜଣ ଛାତ୍ର ମନୋନୀତ ହୋଇଛନ୍ତି। ସେମାନେ ହେଲେ କେଦାର ହାତୀ ଓ ସ୍ୱାଗତ ବେହେରା। ଚଳିତବର୍ଷ ବରଗଡସ୍ଥିତ ଜର୍ଜ ସ୍କୁଲଠାରେ ଅନୁଷ୍ଠିତ ୬୪ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ କବାଡି ପ୍ରତିଯୋଗିତାରେ ଢେଙ୍କାନାଳ ଜିଲା ବାଳକ ବିଭାଗରେ ଅଂଶଗ୍ରହଣ କରି ରନର୍ସଅପ୍ ହୋଇଥଲା। ଜିଲା ଦଳରେ ଭାଗୀରଥିପୁର ଉଚ୍ଚ ବିଦ୍ୟାଳୟର ୪ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଖେଳାଳିମାନେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଭିମନ୍ୟୁ ମଲିକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିଲେ।




### ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିକାଣ୍ଡ ଘଟଣା

# ଖସିଗଲେ ଅଧିକାରୀ, ବଳିପଡିଲେ ରୋଷେୟା

ଢେଙ୍କାନାଳ ଅଫିସ,୧।୧୦

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ପାଞ୍ଚ ମହଲାରେ ଗତ ଶନିବାର ଅଗ୍ନିକାଣ୍ଡ ଘଟଣାର ତଦନ୍ତ ରିପୋର୍ଟ ସୋମବାର ସନ୍ଧ୍ୟାରେ ଆସିଛି। ରିପୋର୍ଟ ଆଧାରରେ ଚିକିତ୍ସାଳୟର ରୋଷେୟା ତଥା ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିବା ବଦ୍ରି ନାରାୟଣ ଦାସଙ୍କୁ ନିଲମ୍ବିତ କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ବେହେରା ସୂଚନା ଦେଇଛନ୍ତି । ନିଲମ୍ବନ ପରେ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତିଦିନ ଉପସ୍ଥାନ ଦେବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବଦ୍ରି କାହାର ଅନୁମତି ନ ନେଇ ବେଆଇନ ଭାବେ କ୍ୟାଣ୍ଟିନ ଚଳାଉଥିବା ନେଇ ଅଭିଯୋଗ ଆଧାରରେ ତଦନ୍ତ କରାଯାଇଥିଲା ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସୂଚନାରୁ ଜଣାପଡିଛି । ନବନିର୍ମିତ ୭ ମହଲା ବିଶିଷ୍ଟ ଅତ୍ୟାଧୁନିକ ଜିଲା ମୁଖ୍ୟ ଚିକିତ୍ସାଳୟର ୫ମ ମହଲାରେ ସର୍ଜରୀ ୱାର୍ଡକୁ ଲାଗିଥିବା ଏକ ପ୍ରକୋଷ୍ଠରେ ଚାଲିଥିବା କ୍ୟାଣ୍ଟିନରେ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀମାନଙ୍କୁ ଘଣ୍ଟ ଘୋଡାଯାଇଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ବିନା ଅନୁମତିରେ କିଭଳି ଜଣେ ରୋଷେୟା କ୍ୟାଣ୍ଟିନ ଖୋଲିଥିଲେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ବେହେରାଙ୍କୁ ପଚାରିବାରେ କୁହନ୍ତି, ତଦନ୍ତ କମିଟି ରିପୋର୍ଟ ରିପୋର୍ଟ ମୁତାବକ ମନା କରିବା ସତ୍ତ୍ୱେ ବେଆଇନ ଭାବେ କ୍ୟାଣ୍ଟିନ ଚଳାଉଥିବା ବଦ୍ରି ନାରାୟଣ ଦାସଙ୍କୁ ନିଲମ୍ବନ କରାଯାଇଛି। ଅନ୍ୟ କେତେଜଣଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତ କମିଟି ରିପୋର୍ଟକୁ ନେଇ କମିଟିର ସଭ୍ୟମାନେ ଆଲୋଚନା କରୁଛନ୍ତି। ଏ ସମ୍ପର୍କରେ ଆମେ ଜଣାଇବୁ ବୋଲି ସେ କହିଥିଲେ।

## ୩ରେ ରକ୍ତଦାନ ଶିବିର

ମାଧପୁର,୧।୧୦- ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ପଞ୍ଚାୟତ ବେଲାଦୁଲା ଗ୍ରାମରେ ଆସନ୍ତା ୩ ତାରିଖରେ ମା' ମାଉଳୀ ଯୁବକ ସଂଘ ତରଫରୁ ଏକ ରକ୍ତଦାନ ଶିବିର ଆୟୋଜିତ ହେବ। ଏ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମର ଆୟୋଜନ ଉପରେ ଆଲୋଚନା କରିଥିଲେ।







CLASSIFIED DISPLAY












## ସଂକ୍ଷେପରେ

### ଲାଞ୍ଚ ମଗାଯାଉଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ

ଅନୁଗୋଳ ଅଫିସ, ୧।୧୦- ଛେଣ୍ଡିପଦା ବ୍ଲକ କମ୍ପସଲା ଗ୍ରାମ ହରିଜନ ସାହି ନିମନ୍ତେ ମଞ୍ଜୁର ହୋଇଛି ଏକ କୋଠଘର। ହେଲେ ଲାଞ୍ଚ ନ ଦେବାରୁ ଏହାର କାର୍ଯ୍ୟାଦେଶ ମିଳୁ ନ ଥିବା ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ହରିଜନ ସାହିର ମହିଳାମାନେ। ସାହିବାସୀଙ୍କ ଅଭିଯୋଗ ଅନୁଯାୟୀ, ମଞ୍ଜୁର ହୋଇଥିବା କୋଠଘର କାର୍ଯ୍ୟାଦେଶ ପାଇଁ ଛେଣ୍ଡିପଦା ବିଡିଓଙ୍କ ପାଖକୁ ଯାଇଥିଲେ। ହେଲେ ବିଡିଓ କାର୍ଯ୍ୟାଦେଶ ଦେବା ବଦଳରେ ସ୍ଥାନୀୟ ବିଧାୟକ ଏବଂ ସରପଞ୍ଚଙ୍କ ପାଖକୁ ପଠାଇଥିଲେ। ଟଙ୍କା ଦେଲେ କାର୍ଯ୍ୟାଦେଶ ମିଳିବ ବୋଲି ସରପଞ୍ଚ କହିବାରୁ ସାହିବାସୀ ଅକ୍ଷମତା ପ୍ରକାଶ କରିଥିଲେ। କିନ୍ତୁ ଅନ୍ୟ ସାହିବାସୀଙ୍କ ଠାରୁ ଲାଞ୍ଚ ନେଇ ସେମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ବୋଲି ସାହିବାସୀ ଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଏହି ମାମଲାର ବିଚାର କରି କାର୍ଯ୍ୟାଦେଶ ଦେବାକୁ ସେମାନେ ନିବେଦନ କରିଛନ୍ତି।

### ବସ୍‌ରୁ ଲ୍ୟାପ୍‌ଟପ୍ ଚୋରି ଅଭିଯୋଗ

ଅନୁଗୋଳ ଅଫିସ, ୧।୧୦- ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଜଣେ ଯାତ୍ରୀଙ୍କ ଲ୍ୟାପ୍‌ଟପ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଅନୁଗୋଳରୁ ଭୁବନେଶ୍ୱର ଯାଉଥିବା ଏକ ବସ୍‌ରେ ସୁବାସ ଶେଖର ବାବୁ ଟିକେଟ୍ କାଟିଥିଲେ। ତେବେ ସିଟ୍‌ରେ ଲ୍ୟାପ୍‌ଟପ୍ ବ୍ୟାଗ ଥୋଇ ବାହାରକୁ ଶୌଚ କରିବାକୁ ଆସିଥିଲେ। ଏହାପରେ ବସ୍‌କୁ ଯାଇଥିଲେ ମଧ୍ୟ ସିଟ୍‌ରୁ ବ୍ୟାଗ ଚାଲିଯାଇଥିଲା। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ନାଲ୍‌କୋ ପାର୍କରେ ହରିଣ ମୃତ ମାସେରେ ମଲେଣି ୩

ବଁଅରପାଳ, ୧।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା ନାଲ୍‌କୋ ନଗରରେ ଥିବା ହରିଣ ପାର୍କରେ ରବିବାର ଏକ ହରିଣର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡିନାହିଁ। ଏହାକୁ ମିଶାଇ ମାସେ ମଧ୍ୟରେ ଏହି ପାର୍କରେ ହରିଣ ମୃତ୍ୟୁ ସଂଖ୍ୟା ୩ ରେ ପହଞ୍ଚିଛି। ଏ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ବହୁ ଅବ୍ୟବସ୍ଥା ମଧ୍ୟରେ ପାର୍କରେ ହରିଣଙ୍କୁ ରଖାଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଅଧିକ ବୟସ ଯୋଗୁ ଏହି ହରିଣର ମୃତ୍ୟୁ ହୋଇଥିବା ନାଲ୍‌କୋ ଉଦ୍ୟାନ ବିଭାଗ ପକ୍ଷରୁ ସଫେଇ ଦିଆଯାଇଛି।

### ଏନ୍‌ଟିପିସିର ୨ ୟୁନିଟ୍ ବନ୍ଦ

କଣିହାଁ, ୧।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ ପାଉଁଶ ସଂରକ୍ଷଣ ଅଭାବ ସହିତ କୋଇଲା ସଙ୍କଟ ଜାରି ରହିଛି। ଏଥିଯୋଗୁ ବିଦ୍ୟୁତ୍ ଉତ୍ପାଦନରେ ବାଧାକୁ ନେଇ ସୋମବାର ରାତି ସୁଦ୍ଧା ୨ଟି ୟୁନିଟ୍ ବନ୍ଦ ରହିଛି। ପରିସ୍ଥିତିରେ ସୁଧାର ନ ହେଲେ ଅଧିକ ୟୁନିଟ୍ ବନ୍ଦ ହେବାର ଆଶଙ୍କା ରହିଛି। ଏ ନେଇ ପ୍ରକଳ୍ପ ଜନ ସମ୍ପର୍କ ଅଧିକାରୀ ଅମିତ କୁମାର ବେହେରା କହିଛନ୍ତି, ପାଉଁଶ ପୋଖରୀ ସମସ୍ୟା ଯୋଗୁ ୩ ଦିନ ହେଲା ୪ ନଂ. ୟୁନିଟ୍ ବନ୍ଦ ରହିଥିଲା। କୋଇଲା ସଙ୍କଟ ଯୋଗୁ ସୋମବାର ରାତି ୯ଟା ପରେ ୫ନଂ. ୟୁନିଟ୍ ବନ୍ଦ ହୋଇଛି। ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ ଉଚ୍ଚ କର୍ତ୍ତୃପକ୍ଷ କରୁଛନ୍ତି। କଣିହାଁ କୋଇଲା ଖଣିରୁ ନିମ୍ନମାନର କୋଇଲା ଆସୁଛି। ପ୍ରକଳ୍ପରେ ୬ଟି ୟୁନିଟ୍ ମଧ୍ୟରୁ ୪ଟି ସଚଳ ରହିଛି। ବିଦ୍ୟୁତ୍ ଉତ୍ପାଦନ ପ୍ରତି ଗୁରୁତ୍ୱ ଦିଆଯାଇଛି।

### ଉପଜିଲାପାଳଙ୍କ କାର୍ଯ୍ୟଭାର ଗ୍ରହଣ

ଆଠମଲ୍ଲିକ,୧।୧୦(ଡି.ଏନ.ଏ.)- ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ସୋମବାର ପୂର୍ବାହ୍ନରେ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଶାସକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ପରିଷଦର ନିର୍ବାହୀ ଅଧିକାରୀ ବିଜୟ କୁମାର ତ୍ରିପାଠୀ, ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉପଜିଲାପାଳ ସମସ୍ତ କର୍ମଚାରୀଙ୍କୁ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

■ପୂର୍ବ ବିବାଦକୁ ନେଇ କଲେଜ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ

# ଛାତ୍ରଙ୍କୁ ପୋଲିସ ବାଡ଼େଇଥିବା ଅଭିଯୋଗ

**ବନ୍ତଲା, ୧।୧୦ (ଡି.ଏନ.ଏ.)**



ବନ୍ତଲା ଉଚ୍ଚତର ଶିକ୍ଷା ଡିଗ୍ରୀ ମହାବିଦ୍ୟାଳୟ ପରିସର।

ଅନୁଗୋଳ ଜିଲା ବନ୍ତଲା ଉଚ୍ଚତର ଶିକ୍ଷା ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଥିବା ପୂର୍ବ ବିବାଦକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଥିବା ବେଳେ ଗୋଟିଏ ଗୋଷ୍ଠୀର ଛାତ୍ରମାନେ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ଘଉଡ଼ାଇ ଦେଇଥିଲା। ଏଥିସହିତ ୨ ଜଣ ଛାତ୍ର ଓ ଅଣଛାତ୍ରଙ୍କୁ ଥାନାରେ ଅଟକ ରଖିବା ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଇଥିଲା। ଅନ୍ୟପକ୍ଷରେ ପୋଲିସ କଲେଜ ପରିସରରେ ପଶି ଛାତ୍ରମାନଙ୍କୁ ମାଡ଼ ମାରି ଆହତ କରିଥିବା ଅଭିଯୋଗ ହୋଇଛି। ମାଡ଼ ଖାଇଥିବା ଜଣେ ଛାତ୍ର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି। ଏ ନେଇ ଛାତ୍ର କଂଗ୍ରେସ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛି।

ପ୍ରକାଶ ଯେ, ଜଣେ ଛାତ୍ରଙ୍କୁ କେହିଜଣେ ମୋବାଇଲରେ ଧମକ ଦେଇଥିଲେ। ଏହାକୁ ନେଇ ସମ୍ପୃକ୍ତ ଛାତ୍ର ଜଣଙ୍କ ସହ ଛାତ୍ର କଂଗ୍ରେସ ଆଶାୟୀ ସଭାପତିଙ୍କ ଗଣ୍ଡଗୋଳ ହୋଇଥିଲା। ପରେ ଉକ୍ତ ଘଟଣାକୁ ନେଇ କଲେଜ ଗେଟ୍‌କୁ ୧ ଘଣ୍ଟା ଧରି ତାଲା ପକାଇ ଦିଆଯାଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ଯାଇ ପୋଲିସ ଉପସ୍ଥିତିରେ ଆଲୋଚନା କରିଥିଲେ। ସେହି ସମୟରେ ଏକ ଚାବି ରିଙ୍ଗରେ ଥିବା ଚିହ୍ନକୁ ନେଇ ଅଧ୍ୟକ୍ଷ ଏକ ଦଳ ସପକ୍ଷରେ ଯାଉଥିବା ଅଭିଯୋଗ ହୋଇଥିଲା। ମହାବିଦ୍ୟାଳୟରେ ଯାହା ସବୁ ଘଟୁଛି ସେଥିପାଇଁ ଅଧ୍ୟକ୍ଷ ଦାୟୀ ବୋଲି ଅଭିଯୋଗ କରାଯାଇ ଗେଟ୍‌ରେ ତାଲା ପକାଇ ଦିଆଯାଇଥିଲା। ଏ ବିଷୟରେ ଆଇଆଇସି ସବ୍ୟସାଚୀ ରାଉତ କୁହନ୍ତି, ମହାବିଦ୍ୟାଳୟର ଶାନ୍ତ ପରିବେଶ ମଧ୍ୟରେ ଅଣଛାତ୍ରମାନେ ପଶି ଛାତ୍ରମାନଙ୍କୁ ବିଭିନ୍ନ ପ୍ରକାର ହିଂସାତ୍ମକ କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଛାତ୍ରମାନେ ଆନ୍ଦୋଳନ କରୁଥିବାବେଳେ ପରିବେଶକୁ ଶାନ୍ତ ରଖିବା ପାଇଁ ଛାତ୍ରମାନଙ୍କୁ ଘଉଡ଼ାଇ ଦିଆଯାଇଥିଲା। ମାଡ଼ କାହାକୁ ମରାଯାଇ ନାହିଁ ବୋଲି ସେ କହିଛନ୍ତି।

## ବେଆଇନ ମାଟି ମୋରମ ଚାଲାଣ

**କଣିହାଁ, ୧।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତ ଗୁଣ୍ଡୁରୀ ଗ୍ରାମ ଓ ୫୩ ନଂ. ରାଜପଥ ନିକଟ ହଟିଆ ଆମ୍ବବୁରୀ ନିକଟ ଜଙ୍ଗଲ ଅଞ୍ଚଳରୁ ଗତ ୫ ଦିନ ହେଲା ବେଆଇନ ଭାବେ ମାଟି ମୋରମ ଚାଲାଣ ହେଉଛି। ଏକ ଠିକାସଂସ୍ଥାର ମେଶିନ ଓ ଟ୍ରକ ଦ୍ୱାରା ଖୋଲାଖୋଲି ଭାବେ ଏହି କାର୍ଯ୍ୟ କରାଯାଉଛି। ଫଳରେ ଜଙ୍ଗଲ ସଫା ହେବାକୁ ବସିଛି। ତୁରନ୍ତ ଏହାକୁ ବନ୍ଦ କରାଯାଇ ବୃକ୍ଷରୋପଣ ସହିତ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅଞ୍ଚଳବାସିନ୍ଦା ବାବୁଲି ସାହୁ, ଗୋପାଳ ନାଏକ, ମନୋଜ ଦାସ କହିଛନ୍ତି, ଜଙ୍ଗଲ କାଟି ମାଟି ମୋରମ ବେଆଇନ ଭାବେ ଚାଲାଣ ହେଉଛି। ଏ ସମ୍ପର୍କରେ କଣିହାଁ ତହସିଲ, ବନ ବିଭାଗକୁ ଜଣାଇବା ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନାହାନ୍ତି। ତୁରନ୍ତ ଏହାକୁ ବନ୍ଦ କରାଯାଇ ଲୁଟ୍ ଠିକା ସଂସ୍ଥାଠାରୁ ରାଜସ୍ୱ ଆଦାୟ କରିବାକୁ ଦାବି କରୁଛୁ। କଣିହାଁ ତହସିଲଦାର ଅଂଶୁମାନ ଶତପଥୀ କହିଛନ୍ତି, ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯିବ। କଣିହାଁ ବନାଞ୍ଚଳ ରେଞ୍ଜର ପ୍ରତାପ ରାଉଳ କହିଛନ୍ତି, ମାଟି ମୋରମ ଯାଉଥିବା ଜାଗା ରିଜର୍ଭ ଫରେଷ୍ଟ ଅନ୍ତର୍ଭୁକ୍ତ ନୁହେଁ। ଗଛ କଟାଯାଇଥିଲେ ପଦକ୍ଷେପ ନିଆଯିବ।

■ଘୁରୁଡ଼ିଆ ଗାଁକୁ ବିଦ୍ୟୁତ୍ ସଂଯୋଗ ନାହିଁ

# ଜିଲାପାଳଙ୍କ ନିକଟରେ ଅଭିଯୋଗ



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ବନ୍ତଲା/ଅନୁଗୋଳ ଅଫିସ, ୧।୧୦ (ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ବଲଙ୍ଗ ପଞ୍ଚାୟତର ଘୁରୁଡ଼ିଆ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ନାହିଁ। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଗ୍ରାମକୁ ସଂଯୋଗ ଦିଆଯାଇ ନାହିଁ। ସୋମବାର ଏ ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଉପଜିଲାପାଳ ଗ୍ରାମବାସୀଙ୍କୁ ୭ ଦିନ ମଧ୍ୟରେ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପାହାଡ଼ ଘେରା ଘୁରୁଡ଼ିଆ ଗ୍ରାମରେ ୫୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ସମସ୍ତେ ବିପିଏଲ ଉପଭୋକ୍ତା। ସରକାର ସମସ୍ତ ବିପିଏଲ ପରିବାରଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇଦେବା ଯୋଜନା କରିଥିବାବେଳେ ଗ୍ରାମବାସୀ ସେଥିରୁ ବଞ୍ଚିତ ହୋଇଛନ୍ତି। ବାରମ୍ବାର ସେସୁ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଧରାଛୁଆଁ ଦେଉନାହାନ୍ତି। ବିଜୁଳି ଆଲୁଅ ନ ଥିବାରୁ ଡିବିରି ଆଲୋକ ହିଁ ଭରସା ସାଜିଛି। ରାତିରେ ବନ୍ୟଜନ୍ତୁଙ୍କ ଭୟ ଯୋଗୁ ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଏପରିକି ପିଲାମାନେ ମଧ୍ୟ ଠିକ୍ ଭାବେ ପଢ଼ାପଢ଼ି କରିପାରୁନାହାନ୍ତି। ତୁରନ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଗ୍ରାମର ମୁଲିଆ ସାହୁ, ବଂଶୀଧର ସାହୁ, ଦାଶୀନାଥ ସାହୁ, ନାରାୟଣ ସାହୁ, ଦାମୋଦର ସାହୁ, କାଳିଆ ସାହୁ, ସର୍ବେଶ୍ୱର ସାହୁ, ଗଗନ ସାହୁ, ରବି ସାହୁ, ଛବି ସାହୁ ପ୍ରମୁଖ ଦାବି କରିଛନ୍ତି।

# ଭତ୍ତା, ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ



ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

**ଅନୁଗୋଳ ଅଫିସ, ୧।୧୦**

ଅନୁଗୋଳ ପଞ୍ଚାୟତ ସମିତି ସଭାଗୃହଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧୁବାବୁ ପେନସନ ଯୋଜନାରେ ୩୦୦ ଜଣଙ୍କୁ ସାମିଲ କରାଯାଇଥିବା ବେଳେ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୧୭୬ ଜଣ, ଜାତୀୟ ବିଧବା ଭତ୍ତାରେ ୬୧ ଓ ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଯୋଜନାରେ ୨ ଜଣ ଏପରି ମୋଟ୍ ୫୩୯ ଜଣ ହିତାଧିକାରୀଙ୍କୁ ବିଧାୟକ ରଜନୀକାନ୍ତ ସିଂଙ୍କ ଦ୍ୱାରା ଭତ୍ତା ବଣ୍ଟନ କରାଯାଇଥିଲା। ଏଥିସହିତ ଦିବ୍ୟାଙ୍ଗଙ୍କ ପାଇଁ ସହାୟକ ଉପକରଣ ୨୬ଟି ତିନି ଚକିଆ ସାଇକେଲ ଓ ୬ଟି ହୁଇଲ୍ ଚେୟାର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଢେଙ୍କାନାଳ-ଅନୁଗୋଳ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାଶ, ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାୟାଧର ବେହେରା, ଅନୁଗୋଳ ସାମାଜିକ ସୁରକ୍ଷା ଅଧିକାରୀ ବୀଣାସିନୀ ନାଏକଙ୍କ ସମେତ ୧୭ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ଓ ସଭ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତେବେ ବିଧାୟକଙ୍କ ଆସିବାରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

## ବିକାଶ ପାଇଁ ବିଦ୍ୟାର୍ଥୀ କାର୍ଯ୍ୟକ୍ରମ

**ଭୁବନ, ୧।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନର ବିକାଶ ପାଇଁ ସୋମବାର ଏବିଭିପି ପକ୍ଷରୁ ବିକାଶ ପାଇଁ ବିଦ୍ୟାର୍ଥୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରାଯିବା ଉପରେ ଆଲୋଚନା କରିଥିଲେ। ଅଞ୍ଚଳର ବୁଦ୍ଧିଜୀବୀ ଓ ବିଦ୍ୟାର୍ଥୀମାନେ ଏକଜୁଟ୍ ହୋଇ ସ୍ଥାନୀୟ ପରିବା ମାର୍କେଟରେ ପଲିଥିନରେ ପରିବା କିଣି ନେଉଥିବା ବ୍ୟକ୍ତିମାନଙ୍କୁ ସଚେତନ କରାଇଥିଲେ। ପୁରୁଣା ପ୍ୟାଣ୍ଟକୁ ନ ଫୋପାଡି ସେଥିରେ ବ୍ୟାଗ୍ ତିଆରି କରି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପରିବା ବ୍ୟବସାୟୀମାନଙ୍କୁ ପଲିଥିନ ବ୍ୟବହାର ନ କରିବା ପାଇଁ ସଚେତନ କରାଯାଇଥିଲା। ଏବିଭିପି ରାଜ୍ୟ ସଭାପତି ଦିଲୀପ ଦାସ, ଗଣେଶ ବଜାର ବଣିକ ସଂଘର ସଭାପତି ଶୁଭେନ୍ଦୁ କୁମାର ସାହୁ, କାଳୀ ବଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁଙ୍କ ସମେତ ନିରଞ୍ଜନ ଗୁରୁ, ସନାତନ ପାତ୍ର, ଲଳିତ ବେହେରା, ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନିତ୍ୟାନନ୍ଦ ପରିଡ଼ା ସାମିଲ ହୋଇଥିଲେ।

# ନାଲ୍‌କୋ ଶ୍ରମିକ ସଙ୍ଗଠନର ସଭା



ଅନୁଷ୍ଠିତ ସଭାରେ ନାଲ୍‌କୋ ଶ୍ରମିକ ସଙ୍ଗଠନର ସଦସ୍ୟମାନେ।

**ବଁଅରପାଳ,୧।୧୦(ଡି.ଏନ.ଏ.)**

ନାଲ୍‌କୋ ସ୍ମେଲଟର ଫାଟକ ସମ୍ମୁଖରେ ସୋମବାର ସକାଳେ ସମସ୍ତ ଶ୍ରମିକ ସଂଗଠନ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ପ୍ରମୁଖ ଉପସ୍ଥିତ ରହି ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ ଦାବି ଉପରେ ଆଲୋଚନା କରିଥିଲେ। ଦଶହରା ସମୟରେ ସମସ୍ତ ଠିକା ଶ୍ରମିକଙ୍କୁ ବୋନସ ପ୍ରଦାନ, ଆଗାମୀ ଦିନରେ ସେମାନଙ୍କ ସମସ୍ତ ନ୍ୟାଯ୍ୟ ଦାବି କିପରି ପୂରଣ କରାଯିବ, ଜାତୀୟ ରାଜପଥ ସମ୍ପ୍ରସାରଣ ଆଦି ଉପରେ ଆଲୋଚନା କରାଯାଇଥିଲା। ଏହି ସଭାରେ ନେପୁର ସାଧାରଣ ସମ୍ପାଦକ ମାଙ୍ଗିଲାଲ ସାମଲ, ନିର୍ମାଣ ମଜଦୁର ସଭାର ଉପସଭାପତି ପ୍ରସନ୍ନ ମହାନ୍ତି, ଶ୍ରମିକ ନେତା ବାବୁଲି ସେଠୀ, ଠିକା ମଜଦୁର ସଂଘର ଟିକନ ଦାସ, ଶରତ ରାଜ, ଅଶୋକ ଛୋଟରାୟ, ଶ୍ରମିକ କଂଗ୍ରେସ ୟୁନିୟନର ଅମୂଲ୍ୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କ ଆତ୍ମହତ୍ୟା ଉଦ୍ୟମ

**ଆଠମଲ୍ଲିକ,୧।୧୦(ଡି.ଏନ.ଏ.)**

ଆଠମଲ୍ଲିକ ସହର ଅନ୍ତର୍ଗତ ୧ନଂ. ୱାର୍ଡ ନୂଆସାହି ନିବାସୀ ଦିବ୍ୟାଙ୍ଗ ପ୍ରକାଶ କୁମାର ତ୍ରିପାଠୀ ସୋମବାର ଆଠମଲ୍ଲିକ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଘଟଣାରୁ ଜଣାପଡିଛି, ପ୍ରକାଶ ନିଜ ଗ୍ରାମ ବାହାଲିରେ ଥିବା ଜମିରେ ଆମ୍ବଚାଷ କରିବାକୁ ଚାହିଁଥିଲେ। ଏଥିଯୋଗୁ ଜମିର ମାପଚୁପ ପାଇଁ ଅଏଡ଼ା ଆର୍‌ଆଇ ବିପିନ ବିହାରୀ ହୋତାଙ୍କ ନିକଟରେ ଆବେଦନ କରିଥିଲେ। ପରେ ଆରଆଇ ଜମି ମାପଚୁପ କରିଥିଲେ ମଧ୍ୟ ସବିଶେଷ ରିପୋର୍ଟ ଦେଇ ନ ଥିଲେ। ଶେଷରେ ରିପୋର୍ଟ ଦେବା ପାଇଁ ଆରଆଇ ବିପିନ ପ୍ରକାଶଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ମାତ୍ର ପ୍ରକାଶ ଟଙ୍କା ଦେଇପାରି ନ ଥିଲେ। ଇତିମଧ୍ୟରେ ଆରଆଇ ହୋତାଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିଲା। ନୂତନ ଆରଆଇ ଆସିଲା ପରେ ଗତ ୨୬ରେ ପ୍ରକାଶଙ୍କୁ ଏକ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଏହି ରିପୋର୍ଟରେ ପ୍ରକାଶ ସନ୍ତୁଷ୍ଟ ନ ଥିଲେ। ଏହାର ପ୍ରତିବାଦରେ ସେ ସ୍ଥାନୀୟ ତହସିଲଦାରଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ମାତ୍ର ତହସିଲଦାର ଏଥିରେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିବାକୁ କହିଥିବା ପ୍ରକାଶ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେ ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପେଟ୍ରୋଲ ବୋତଲ ନେଇ ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା।

ଏ ନେଇ ସ୍ଥାନୀୟ ତହସିଲଦାର ବାସୁଦେବ ମହାପାତ୍ର କହିଛନ୍ତି, ପ୍ରକାଶ ମାପଚୁପ ନିମନ୍ତେ ଆବଶ୍ୟକ ଅର୍ଥ ତହସିଲରେ ପଇଠ କରି ନ ଥିଲେ। ଆରଆଇ ବିପିନ ବିହାରୀ ହୋତା କହିଛନ୍ତି, ସମ୍ପୃକ୍ତ ଦିବ୍ୟାଙ୍ଗଙ୍କୁ ମୁଁ ଟଙ୍କାଟିଏ ମାଗି ନାହିଁ। ଆଠମଲ୍ଲିକ ପୋଲିସ ଘଟଣାସ୍ଥଳରୁ ପେଟ୍ରୋଲ, ଦିଆସିଲି ଜବତ କରିଛନ୍ତି। ଘଟଣାସ୍ଥଳରେ ତହସିଲଦାର ଓ ସୁପରଭାଇଜର ପହଞ୍ଚି ଦିବ୍ୟାଙ୍ଗଙ୍କ ସହିତ ଆଲୋଚନା କରି ଘଟଣାର ସମାଧାନ ପାଇଁ ଉଦ୍ୟମ ଚଳାଇଛନ୍ତି।

# ଆକ୍ରମଣ ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର




ଖବରଦାତାଙ୍କ ଉପରେ ଆକ୍ରମଣର ପ୍ରତିବାଦ।

**ଢେଙ୍କାନାଳ ଅଫିସ,୧।୧୦**

ପୁରୀ ଏବଂ ବାଲେଶ୍ୱରରେ ଖବରଦାତାମାନଙ୍କ ଉପରେ ଆକ୍ରମଣ ଘଟଣାର ପ୍ରତିବାଦରେ ଢେଙ୍କାନାଳ ପ୍ରେସ୍ କ୍ଲବ ପକ୍ଷରୁ ଏକ ସ୍ମାରକପତ୍ର ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। କ୍ଲବର ସଦସ୍ୟମାନେ କଳାବ୍ୟାଜ ପିନ୍ଧି ବସଷ୍ଟାଣ୍ଡସ୍ଥିତ ଗାନ୍ଧୀପାର୍କଠାରେ ଘଟଣାର ପ୍ରତିବାଦ କରିବା ସହ ଏକ ଶୋଭାଯାତ୍ରାରେ ଯାଇ ଜିଲା କାର୍ଯ୍ୟାଳୟଠାରେ ଉପଜିଲାପାଳ ପୀତାମ୍ବର ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସଭାପତି ଶଶିମୌଳୀ ରଥଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ଅଭୟ ସାହୁ, ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସଙ୍କ ସମେତ ବିମଳକୃଷ୍ଣ ଥମ୍ବ, ଇମତିଆଜ ହୁସେନ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ରାଜଶ୍ରୀ ଶତପଥୀ, ଶିଶିର ଶତପଥୀ, ବିଶ୍ୱନାଥ ବେହେରା, ଦେବାଶିଷ ମିଶ୍ର, ବିନୋଦ କୁମାର ମହାନ୍ତି, ଅରବିନ୍ଦ ସାହୁ, ଦିନେଶ ଦାସ, ପ୍ରଳୟ ଦାସ, ଆଦିତ୍ୟ ପଣ୍ଡା, ଅମାନୀ ସାହୁ, ଶ୍ୟାମସୁନ୍ଦର ସାହୁ, ହିମାଂଶୁ ମହାପାତ୍ର, ଆଶିଷ ଶତପଥୀ, ଦୀପକ ମିଶ୍ର, ମାନସ ତ୍ରିପାଠୀ, ମନୋଜ ମହାନ୍ତି, ସୁଶାନ୍ତ ନନ୍ଦ, ସର୍ବେଶ୍ୱର ବ୍ରହ୍ମ, ଦୁଷ୍ମନ୍ତ ବରାଳ, ବିକାଶ ପଣ୍ଡା, ପୁରୁଷୋତ୍ତମ ନାୟକ, ସତ୍ୟକାମ ପରିଡା, ନୃସିଂହ ଚରଣ ବେହେରା ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୬୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI
ଢେଙ୍କାନାଳ-ଅନୁଗୋଳ,ମଙ୍ଗଳବାର, ୨ ଅକ୍ଟୋବର,୨୦୧୮



## ସଂକ୍ଷେପରେ

### ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



ତାଳଚେର,୧।୧୦(ନି.ପ୍ର.)- ଏମ୍‌ସିଏଲ୍ ଦେଉଳବେଡା କଲୋନୀ ପରିସରରେ ଥିବା କ୍ୱାର୍ଟର୍ସ ନଂ. ଏସ୍ଆର୍ ୨ରେ ସୋମବାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନ୍ତୋଷ ମିଶ୍ର, ଯଦୁନାଥ ହାଁସଦା, ତାଳଚେର ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ପାଲଲହଡା ଏସ୍‌ଡିପିଓ ଯଶୋବନ୍ତ ସାମଲ, କଳିଆରୀ ଆଇଆଇସି ନିରଞ୍ଜନ ସେଠୀ, ବିଭିନ୍ନ ଥାନାର ଆଇଆଇସି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତାଳଚେର ଅଞ୍ଚଳରେ ଅପରାଧ ନିୟନ୍ତ୍ରଣରେ ଏହି କାର୍ଯ୍ୟାଳୟ ସହାୟକ ହେବ ଏବଂ ପ୍ରତି ବୁଧବାର ଓ ଶନିବାର ଏଠାରେ କ୍ୟାମ୍ପ କରିବେ ବୋଲି ଏସ୍‌ପି ପ୍ରକାଶ କରିଥିଲେ।

### ଲୁହା ରଡ୍‌ରେ ପିଟି ଖଣି କର୍ମଚାରୀଙ୍କୁ ହତ୍ୟା

ତାଳଚେର,୧।୧୦(ନି.ପ୍ର.)- ତାଳଚେର ବାଇପାସ ଛକସ୍ଥିତ ଏକ ହୋଟେଲ ସମ୍ମୁଖରେ ସୋମବାର ହତ୍ୟାକାଣ୍ଡ ଘଟିଛି। ବଉଳଛକର ଟୁନା ଖୁଣ୍ଟିଆଙ୍କ ଲୁହା ରଡ୍ (ଟ୍ରକ୍ ପାନା ରଡ୍) ମାଡ଼ରେ ଶ୍ରୀକାନ୍ତ ବେହେରା (୪୨) ନାମକ ଜଣେ ଖଣି କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବ୍ରଜନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମରେ। ସେ ଲିଙ୍ଗରାଜ ଖଣିରେ ସୋଭେଲ ଅପରେଟର ଭାବେ କାମ କରନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ରଡ୍ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶ୍ରୀକାନ୍ତ ଝିଅକୁ ଢେଙ୍କାନାଳରେ ଛାଡି ସ୍ତ୍ରୀଙ୍କ ସହ କାର୍ ଯୋଗେ ନିଜ କ୍ୱାର୍ଟର୍ସ ଲିଙ୍ଗରାଜ କଲୋନୀକୁ ଫେରୁଥିଲେ। ମଧ୍ୟାହ୍ନ ସାଢେ ୧୨ଟା ବେଳେ ଉକ୍ତ ହୋଟେଲ ସମ୍ମୁଖରେ ଦୁହେଁ ଗାଡିରୁ ଓହ୍ଲାଇ କେକ୍ କିଣିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଟୁନା ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ଟୁନା ଏକ ଲୁହା ରଡ୍‌ରେ ଶ୍ରୀକାନ୍ତଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ତାଳଚେର ଆଇଆଇସି ସୌଭାଗ୍ୟ ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ପହଞ୍ଚି ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ନେଇ ପଚରା ଉଚରା ଚଳାଇଛନ୍ତି। ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ହତ୍ୟାକାଣ୍ଡର କାରଣ ଜଣାପଡି ନାହିଁ।

### ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ତାଳଚେର,୧।୧୦(ନି.ପ୍ର.)- ତାଳଚେର ପରିବେଶ ସମିତି ପକ୍ଷରୁ ସୋମବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨ଦଫା ସମ୍ବଳିତ ଦାବିପତ୍ର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଛି। ୨୦୧୯-୨୦୨୦ରୁ ତାଳଚେର ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରି ନାମ ଲେଖାଯିବା ଓ ପ୍ରଦୂଷଣ ନିୟନ୍ତ୍ରଣ କରାଯିବା ଦାବି ନେଇ ପଦ୍ମଚରଣ ସାମଲ, ବାଉରୀବନ୍ଧୁ ବେଜ, ଜୟସେନ ମେହେର, ବିନୋଦ ଲାଲ, ପଠାଣି ବାରିହା, ପ୍ରହ୍ଲାଦ ଚରଣ ସାହୁ ପ୍ରମୁଖ ଉପଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କାର୍ଯ୍ୟକ୍ରମ

ବନ୍ତଳା, ୧।୧୦ (ଡି.ଏନ୍.ଏ.)- ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସୋମବାର ସମୂହ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଓଡ଼ିଶା ମୋଟର ଚାଳକ ସଂଘ ବନ୍ତଳା ଶାଖାର ସଦସ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ସହଯୋଗ କରିଥିଲେ। ଆୟୁଷ ଡାକ୍ତର ଦୀପକ କୁମାର ସାହୁ ସମସ୍ତଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଓଡ଼ିଶା ମୋଟର ଚାଳକ ସଂଘ ବନ୍ତଳା ଶାଖା କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

■ବ୍ରାହ୍ମଣୀ ବ୍ରିଜ୍ ପୁନରୁଦ୍ଧାର, ମରାମତି ଦାବି

# ୮ ଘଣ୍ଟା ରାସ୍ତାରୋକୋ ପରେ କାମ ଆରମ୍ଭ

ତାଳଚେର,୧।୧୦(ନି.ପ୍ର.)

ଭାରତୀୟ ଯୁବକ ସଂଘ ନେତୃତ୍ୱରେ ସୋମବାର ସରାଙ୍ଗ ବ୍ରାହ୍ମଣୀ ବ୍ରିଜ୍‌ର ପୁନରୁଦ୍ଧାର ଓ ମରାମତି ଦାବିରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ରିଜ୍ ଉଭୟ ପାର୍ଶ୍ୱ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

୧୯୬୯ରେ ଢେଙ୍କାନାଳ-ଅନୁଗୋଳର ଲାଇଫଲାଇନ କୁହାଯାଉଥିବା ସରାଙ୍ଗ ବ୍ରାହ୍ମଣୀ ବ୍ରିଜ୍ ଉଦ୍‌ଘାଟିତ ହୋଇଥିଲା। ହେଲେ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଏହି ବ୍ରିଜ୍ ଶୋଚନୀୟ ଅବସ୍ଥାକୁ ଆସିଯାଇଛି। ଖାଲଖମାରେ ଏହା ଏଭଳି ଭରିଯାଇଛି ଯେ ଚାଲି କରି ଯିବା ମଧ୍ୟ ଅସମ୍ଭବ ହୋଇପଡୁଛି। ଏଥିଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ପୂର୍ବରୁ ଅଞ୍ଚଳବାସୀ ଦୁଇ ଥର ଆନ୍ଦୋଳନ କରିଥିଲେ। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ପୂରଣ କରାଯାଇ ନାହିଁ। ତେଣୁ ପୂର୍ବ ନିଷ୍ପତ୍ତି ମୁତାବକ ସକାଳ ୬ଟା ଠାରୁ ବ୍ରିଜ୍ ଉଭୟ ପାର୍ଶ୍ୱରେ ରାସ୍ତାରୋକୋ କରାଯାଇ ଥିଲା। ଖବରପାଇ ପରଜଙ୍ଗ ତହସିଲଦାର ଅମ୍ରିତ ସରକାର, ତାଳଚେର ଆଇଆଇସି ସୌଭାଗ୍ୟ ସ୍ୱାଇଁ, ପରଜଙ୍ଗ ଆଇଆଇସି ଜିତେନ୍ଦ୍ର କୁମାର ସାହୁ, ଏନଏଚଏଆଇ ଯନ୍ତ୍ରୀ ଆର.କେ. ପରିଡା ଓ ଅନ୍ୟମାନେ ଘଟଣାସ୍ଥଳକୁ ଆସି ଆଲୋଚନା କରିଥିଲେ। ହେଲେ ରାସ୍ତାକାମ ଆରମ୍ଭ ନ ହେଲେ ଆନ୍ଦୋଳନରୁ ଉଠିବୁ ନାହିଁ ବୋଲି ଲୋକେ ଜିଦ୍ ଧରିଥିଲେ। କାମ ଆରମ୍ଭ ହେବା ସହ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଭାରତ ଯୁବକ ସଂଘର ବାପି ଭୁକ୍ତା, ବିଷ୍ଣୁମୋହନ ରଥ, ସୌଭାଗ୍ୟ କୁମାର ନାୟକ, ନିରଞ୍ଜନ ସାମଲ, ମହାଦେବ ଦାସ, ପ୍ରଦୀପ୍ତ ଭୂତିଆ, ଧନେଶ୍ୱର ନାଥ, ରାଜକିଶୋର ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



> "ଏହା ୪୮ ବର୍ଷର ପୁରୁଣା ବ୍ରିଜ୍। ସେହି ଦୃଷ୍ଟିରୁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଜରୁରୀ। କିନ୍ତୁ ମରାମତି ଅଭାବରୁ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ତୁରନ୍ତ ନୂତନ ବ୍ରିଜ୍ ନିର୍ମାଣ ଆବଶ୍ୟକ।
> -ଜଗବନ୍ଧୁ ସାହୁ

### କ'ଣ କୁହନ୍ତି ଅଞ୍ଚଳବାସୀ



"ରାସ୍ତା ଓ ବ୍ରିଜ୍ ଅବସ୍ଥା ଆଖିରେ ନ ଦେଖିଲେ ଜାଣି ହେବ ନାହିଁ। କର୍ତ୍ତୃପକ୍ଷ କାହିଁକି ଏହାକୁ ଅଣଦେଖା କରୁନ୍ତି ତାହା ବୁଝାପଡୁ ନାହିଁ। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ନେଲେ ମଙ୍ଗଳ ହେବ।
-ଶାନ୍ତିଲତା ବେହେରା



"କର୍ତ୍ତୃପକ୍ଷ ଯତ୍ନ ନ ନେବାରୁ ବ୍ରିଜ୍ ଭାଙ୍ଗିରୁଜି ଗଲାଣି। ପ୍ରତିଦିନ ଦୁର୍ଘଟଣାମାନ ଘଟୁଛି। ବାରମ୍ବାର ଆନ୍ଦୋଳନ ହେଲେ ମଧ କେହି କର୍ଣ୍ଣପାତ କରୁ ନାହାନ୍ତି। ପ୍ରଶାସନ, ରାଜନେତା ଲୋକଙ୍କ ହିତରେ ନାହାନ୍ତି।
-ଉଦ୍ଧବ ସାହୁ, ନାଏବ ସରପଞ୍ଚ, ସନ୍ଥପଡା



"ବାଲି ମାଫିଆମାନଙ୍କ ପାଇଁ ପିଲରଗୁଡ଼ିକ ଦୁର୍ବଳ ହୋଇ ପଡିଲାଣି। ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ୫/୬ ଫୁଟ ଓସାରରେ ବାଲି, ଧୂଳି, କୋଇଲା ଗୁଣ୍ଡ ଜମି ରହିଛି। ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ।
-ଭଜମନ ବେହେରା, ଅଟୋ ଚାଳକ



"ବ୍ରିଜ୍‌ର ସାଇଡ୍ ୱାଲ୍ ଭାଙ୍ଗିରୁଜି ଗଲାଣି। ଉପର ସାରା ଖାଲ ଖମା ହୋଇଯାଇଛି। ବର୍ଷା ହେଲେ ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ ହୋଇ ପଡୁଛି। ରକ୍ଷଣାବେକ୍ଷଣ ଓ ମରାମତି ଜରୁରିକାଳୀନ ଭିତିରେ କରାଯାଉ।
-ଅଲେଖ ସାହୁ



"ଅନେକ ଥର ମରାମତି ହେଉଥିଲେ ବି କାମ ଏତେ ନିମ୍ନମାନର ହେଉଛି ଯେ କିଛି ଦିନ ପରେ ବ୍ରିଜ ପୁରୁଣା ଅବସ୍ଥାକୁ ଚାଲିଯାଉଛି। ଗାଡ଼ି ଗଲାବେଳେ ଏହା ଯେପରି ଦୋହଲି ଉଠୁଛି, ଅନେକେ ଏଥିରେ ଭୟଭୀତ ହୋଇପଡୁଛନ୍ତି।
-ଶେଷଦେବ ସାହୁ



"ବ୍ରିଜ୍ ଉପରେ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଲୋକମାନେ ଯିବା ଆସିବା କରୁଛନ୍ତି। ବାରମ୍ବାର ଦାବି ଆନ୍ଦୋଳନ ପରେ କିଛି ସୁଫଳ ମିଳୁନି। ସରକାର, ପ୍ରଶାସନ, ରାଜନେତା କେହି ଶୁଣୁନାହାନ୍ତି।
-କାଳନ୍ଦୀ ଦେହୁରୀ



"ବ୍ରିଜ ଓ ଏହା ଉପର ଦେଇ ଯାଇଥିବା ରାସ୍ତା ମରାମତି ଅଭାବରୁ ଖରାପ ହୋଇଗଲାଣି। ପୁରାତନ ବ୍ରିଜ୍‌ର ମରାମତି ସହ ନୂଆ ନିର୍ମାଣ କରାଗଲେ ଲୋକମାନେ ଉପକୃତ ହୋଇପାରିବେ।
- ପ୍ରଶାନ୍ତ ବାରିକ



"ବହ୍ଲର ଛକ ଠାରୁ ଭୁବନ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ୨୦୧୬ରୁ ଆନ୍ଦୋଳନ ଚାଲିଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଯାହା ପ୍ରତିଶ୍ରୁତି ଦିଆଯାଉଛି ତାହା ପାଣିର ଗାର ଭଳି ଲାଗୁଛି।
-ଶାନ୍ତନୁ ଭୁକ୍ତା

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ

ବଇଣ୍ଡା, ୧।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମସ୍ୟା ଲାଗି ରହିଛି। ବିଭିନ୍ନ ଦାବି ପୂରଣ ପାଇଁ ବହୁବାର ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ ତାହା ପୂରଣ ହେଉନାହିଁ। ଏହାର ପ୍ରତିବାଦରେ କିଶୋରନଗର ଜୀବନ ଜୀବିକା କୃଷି ଓ ଜମି ସୁରକ୍ଷା କମିଟି ପକ୍ଷରୁ ସୋମବାର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କମିଟି ପକ୍ଷରୁ ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ସମ୍ପାଦକ ଅନନ୍ତ ଚରଣ ପ୍ରଧାନ, ପୂର୍ବତନ ସରପଞ୍ଚ ରମଣୀରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ସର୍ବେଶ୍ୱର ପ୍ରଧାନ, ଦୁର୍ଯ୍ୟୋଧନ ସାହୁ, ସୁବାସ ପ୍ରଧାନ, ସରୋଜିନୀ ନାୟକ, ପରମାନନ୍ଦ ପ୍ରଧାନ, ରଣଜିତ୍ ଲାଲ ପ୍ରଧାନ, ପଦ୍ମିନୀ ମୁଣ୍ଡା, ଦେବରାଜ ସାହୁ, ସୁରୁଚି ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୫ଟି ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ଏଠାରେ ୮ ଡାକ୍ତର ପଦବୀ ରହିଥିବାବେଳେ ଏବେ ମାତ୍ର ୨ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ରୋଗୀ ସେବା କରୁଥିବାବେଳେ ଅନ୍ୟ ଜଣେ ଡାକ୍ତର ସରକାରୀ କାର୍ଯ୍ୟ କରୁଛନ୍ତି। ୬ଟି ପଦବୀ ଖାଲି ପଡ଼ିଥିବାବେଳେ ୪ ଜଣ ବିଶେଷଜ୍ଞ ଡାକ୍ତର ନାହାନ୍ତି। ସେହିପରି ନର୍ସ ପଦବୀ ମଧ ଖାଲିପଡ଼ିଛି। ଏଥିଯୋଗୁ ଗର୍ଭବତୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିଶୁମାନଙ୍କୁ ଜ୍ୱର ହେଲେ ରେଢାଖୋଲ ନଚେତ ବୁର୍ଲା ଡାକ୍ତରଖାନା ଯିବାକୁ ପଡୁଛି। ନିରାମୟ ଯୋଜନାରେ ରୋଗୀଙ୍କୁ ଔଷଧ ମିଳୁନାହିଁ। ମାତ୍ର ୬ଟି ବେଡ୍ ଥିବା ଯୋଗୁ ଅନେକ ସମୟରେ ରୋଗୀମାନେ ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି। ଏକ ଦାନ୍ତ ଡାକ୍ତର ନିଯୁକ୍ତି ସହ ସମସ୍ତ ସମସ୍ୟା ସମାଧାନ ପାଇଁ ବହୁବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ପାଇଖାନା, ନୂତନ ଗୃହ ନିର୍ମାଣ, କ୍ୱାର୍ଟର୍ସ ନିର୍ମାଣ, ତାଳଚେରଠାରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବିରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କିଶୋରନଗର ଡା. ଚିତ୍ତରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।




କମିଟି ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ କରାଯାଉଛି।

■ରାଶନ କାର୍ଡ ବଣ୍ଟନରେ ଅନିୟମିତତା ଅଭିଯୋଗ

# ବ୍ଲକ ଅଫିସରେ ପକାଇଲେ ତାଲା

ବଅଁରପାଳ,୧।୧୦ (ଡି.ଏନ୍.ଏ.)

ବଅଁରପାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ରାଶନ କାର୍ଡ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ହିତାଧିକାରୀମାନେ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସମ୍ପୃକ୍ତ ହିତାଧିକାରୀମାନେ ଅଭିଯୋଗ କରିଥିଲେ ଯେ, ରାଶନ କାର୍ଡ ବଣ୍ଟନରେ ବ୍ୟାପକ ଅନିୟମିତତା କରାଯାଇଛି। ଯେଉଁମାନଙ୍କର କୋଠା, ଜମି ଅଛି ସେମାନଙ୍କୁ ରାଶନ କାର୍ଡ ଦିଆଯାଇଥିବା ବେଳେ ପ୍ରକୃତ ଗରିବ ଲୋକମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଏପରିକି ଜଣେକ ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ଭାଇଙ୍କର କୋଠାଘର ସହ ଜମିବାଡ଼ି ଥିଲେ ବି ତାଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ସେହି ଅଞ୍ଚଳର ବହୁ ଗରିବ ଶ୍ରେଣୀର ଲୋକ ଦୁଃଖ ଦୁର୍ଦ୍ଦଶାରେ ରହିଥିଲେ ମଧ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ନାହିଁ। ତେଣୁ କେତେଜଣ ନେତା ଓ ଦଲାଲମାନଙ୍କ ଇସାରାରେ ଏଭଳି କାର୍ଡ ବଣ୍ଟନ କରାଯାଇଥିବା ବହୁ ହିତାଧିକାରୀ କହିଛନ୍ତି। ତେଣୁ ଏହି ଦୁର୍ନୀତି ରୋକିବା ପାଇଁ ସୋମବାର ସକାଳ ୧୦ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଉତ୍ତ୍ୟକ୍ତ ଲୋକମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ।

# ଡାଲମା ପିତା, ଫିଙ୍ଗାଗଲା ମଧ୍ୟାହ୍ନ ଭୋଜନ




ଖିଣ୍ଡା ଉପ୍ରା ବିଦ୍ୟାଳୟ।



ଫୋପଡ଼ା ଯାଇଥିବା ଡ଼ାଲମା।

ବନ୍ତଳା, ୧।୧୦ (ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଥାନା ଖିଣ୍ଡା ଉପ୍ରା ବିଦ୍ୟାଳୟରେ ସୋମବାର ରନ୍ଧାଯାଇଥିବା ମଧ୍ୟାହ୍ନ ଭୋଜନ ଫିଙ୍ଗି ଦିଆଯାଇଛି। ଡାଲମା ପିତା ଲାଗିବାରୁ ତାହାକୁ ଛାତ୍ରୀଛାତ୍ରଙ୍କୁ ଦିଆ ନ ଯାଇ ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶରେ ଫୋପାଡ଼ି ଦିଆଯାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଖିଣ୍ଡା ଉପ୍ରା ବିଦ୍ୟାଳୟରେ ସମୁଦାୟ ୨୦୯ ଛାତ୍ରୀଛାତ୍ର ପଢୁଛନ୍ତି। ସବୁଦିନ ପରି ସୋମବାର ମଧ୍ୟାହ୍ନ ଭୋଜନରେ ଭାତ ସହିତ ଡାଲମା ରନ୍ଧା ଯାଇଥିଲା। ତେବେ ଖାଇବା ସମୟରେ ଡାଲମା ପିତା ଲାଗିବାରୁ ଏ ନେଇ ଛାତ୍ରୀଛାତ୍ରମାନେ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ନ ଖାଇବାକୁ ପିଲାମାନଙ୍କୁ ବାରଣ କରିବା ସହ ରନ୍ଧା ଯାଇଥିବା ସମସ୍ତ ଖାଦ୍ୟ ଫୋପାଡ଼ି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗାଁର ଏକ ମସଲା ଦୋକାନରୁ ସପ୍ତାହକୁ ଥରେ ସାମଗ୍ରୀ କିଣାଯାଉଥିବା ବେଳେ ଡାଲି ଗମୁଆରୁ ଏଭଳି ପିତା ଲାଗୁଥିବା ଜଣାପଡ଼ିଥିଲା। ଖବର ପାଇ ସିଆର୍‌ସିସି ପହଞ୍ଚି ଡାଲି ଓ ଡାଲମାକୁ ଯାଞ୍ଚ କରିଥିଲେ। ୨ଟି ୫ କେଜିଆ ପ୍ୟାକେଟରେ ୧୦ କେଜି ଡାଲି ଅଣାଯାଇଥିବାବେଳେ ଗୋଟିଏ ପ୍ୟାକେଟ ଖର୍ଚ୍ଚ ହୋଇଯାଇଛି। ଅନ୍ୟ ପକେଟ୍ ଡାଲି ଗମୁଆ ଯୋଗୁ ଏଭଳି ପିତା ଲାଗୁଥିବା ସିଆର୍‌ସିସ ପ୍ରତାପ ପ୍ରଧାନ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ଦୋକାନରୁ ସାମଗ୍ରୀ ଅଣାଯାଉଛି ସେଠାରୁ ଆଉ ସାମଗ୍ରୀ ନ ଆଣିବାକୁ ସିଆରସିସି ପ୍ରଧାନଶିକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି।

■ଛାତ୍ର ସଂସଦ ନିର୍ବାଚନ ପାଇଁ କ୍ୟାମ୍ପସ ସରଗରମ

# ନୋଟିସ ବୋର୍ଡରେ ବିଜ୍ଞପ୍ତି, ପରୀକ୍ଷା ବାତିଲ

ଅନୁଗୋଳ ଅଫିସ୍,୧।୧୦

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ଜିଲାର ବିଭିନ୍ନ କଲେଜରେ ଛାତ୍ର ସଂସଦ ନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ଜାରି ହୋଇଛି। ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବାକୁ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି।

ସେହିପରି ଛାତ୍ର ସଂସଦ ନିର୍ବାଚନକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ଗୋଟିଏ ପରୀକ୍ଷାକୁ ବାତିଲ କରିଛନ୍ତି। ଛୁଟି ପରେ ବାକି ରହିଥିବା ପରୀକ୍ଷା ଆୟୋଜନ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଆସନ୍ତା ୩ ତାରିଖଠାରୁ ସ୍ୱାଭାବିକ ଭାବେ କ୍ଲାସ ହେବ। ପ୍ରାର୍ଥୀମାନେ ଗୋଟିଏ କ୍ଲାସରେ ୧୫ ମିନିଟ୍ ପ୍ରଚାର କରିପାରିବେ। ମହାବିଦ୍ୟାଳୟରେ କୌଣସି ଅଶାନ୍ତ ପରିବେଶକୁ ବରଦାସ୍ତ କରାଯିବ ନାହିଁ। ମହାବିଦ୍ୟାଳୟ ପରିସରରେ ଅସ୍ଥାୟୀ ପୋଲିସ କ୍ୟାମ୍ପ ଲଗାଯିବାର ବ୍ୟବସ୍ଥା କରାଯାଇଥିବା ବେଳେ ୩ଟି ଛାତ୍ର ହଷ୍ଟେଲରେ ଦୁଇ ଜଣ ଲେଖାଏ ପୁରୁଷ ଓ ଦୁଇଟି ଛାତ୍ରୀନିବାସରେ ଦୁଇ ଜଣ ଲେଖାଏ ମହିଳା ପୋଲିସ ମୁତୟନ ନିମନ୍ତେ ଅନୁଗୋଳ ପୋଲିସକୁ ଅନୁରୋଧ କରାଯାଇଛି। ଛାତ୍ରାବାସରେ ମଧ କଟକଣା ଲଗାଇଛନ୍ତି କର୍ତ୍ତୃପକ୍ଷ। ସନ୍ଧ୍ୟା ୭ଟା ପରେ ହଷ୍ଟେଲ ପରିସରକୁ ଯିବାକୁ ଥିବା ମୁଖ୍ୟ ଫାଟକରେ ତାଲା ପକାଯିବ। ଏହାପରେ ଯେଉଁ ଛାତ୍ରମାନେ ବାହାରକୁ ଯିବେ ସେମାନେ ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କ ଅନୁମତି ନେବେ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗଙ୍ଗାଧର କର ସୂଚନା ଦେଇଛନ୍ତି। ସରପ୍ରାଇଜ୍ ଭିଜିଟ୍ ବେଳେ ହଷ୍ଟେଲରେ ରହୁ ନ ଥିବା ଛାତ୍ର (ନନ୍‌ବର୍ଡର) ଧରାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏଥିସହ ମହାବିଦ୍ୟାଳୟ ପରିବେଶକୁ ଯେଉଁ ଛାତ୍ରୀଛାତ୍ର ଅଶାନ୍ତ କରିବେ ସେମାନଙ୍କୁ ପୋଲିସରେ ହସ୍ତାନ୍ତର କରାଯିବ ବୋଲି ଅଧ୍ୟକ୍ଷ କହିଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୩ ତାରିଖରେ ନାମାଙ୍କନପତ୍ର ଦାଖଲ କରାଯିବ। ୪ ତାରିଖରେ ପ୍ରାର୍ଥୀଙ୍କ ବୈଧ ତାଲିକା ପ୍ରକାଶ ପାଇବ। ଉକ୍ତ ଦିନ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇପାରିବ। ଏହାପରେ ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ୧୦ ତାରିଖରେ ମୁଁ କାହିଁକି ପ୍ରାର୍ଥୀ ହୋଇଛି ମିଟିଂ ଓ ୧୧ ତାରିଖରେ ଛାତ୍ର ସଂସଦ ନିର୍ବାଚନ କରାଯାଇ ବିଜେତାଙ୍କ ନାମ ଘୋଷଣା କରାଯିବ। ୧୨ ତାରିଖରେ ନବନିର୍ବାଚିତ ପ୍ରାର୍ଥୀଙ୍କ ଶପଥ ଗ୍ରହଣ ଉତ୍ସବ ଆୟୋଜନ କରାଯିବ ବୋଲି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।



### ନିୟମ କଡ଼ାକଡ଼ି ପାଳନ କରାଯିବ: ଛାତ୍ର ସଂସଦ ଉପଦେଷ୍ଟା



ଛାତ୍ର ସଂସଦ ନିର୍ବାଚନରେ ଲିଙ୍ଗଡୋ କମିଶନଙ୍କ ନିୟମ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ଅନୁଗୋଳ ଛାତ୍ର ସାଂସଦ କମିଟି ଉପଦେଷ୍ଟା ଡ. ମନୋରଞ୍ଜନ ମିଶ୍ର କହିଛନ୍ତି। ପ୍ରଥମତଃ ଉପସ୍ଥାନକୁ ଗୁରୁତ୍ୱ ପ୍ରଦାନ କରାଯିବ। ଯଦି କୌଣସି ପ୍ରାର୍ଥୀଙ୍କ ୭୫ ପ୍ରତିଶତରୁ କମ୍ ଉପସ୍ଥାନ ଥିବ, ସେ ଅଯୋଗ୍ୟ ଘୋଷଣା ହେବେ। ସେହିଭଳି ନାମାଙ୍କନ କରିଥିବା ଛାତ୍ରୀଛାତ୍ରଙ୍କ ବିରୋଧରେ ଆପରାଧିକ ମାମଲା ପୂର୍ବରୁ ରହିଛି କି ନାହିଁ, ସେ ନେଇ ମଧ ଯାଞ୍ଚ କରାଯିବ। ଏଥିସହ ପରୀକ୍ଷାରେ ବ୍ୟାକ୍ ନ ଥିବାକୁ ମଧ ଗୁରୁତ୍ୱ ପ୍ରଦାନ କରାଯିବ। ତେବେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ କରାଯିବ ବୋଲି ସେ କହିଛନ୍ତି।

### ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ: ଅଧ୍ୟକ୍ଷ



ଛାତ୍ର ସଂସଦ ନିର୍ବାଚନରେ କୌଣସି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରିବେ ତୁରନ୍ତ ସେମାନଙ୍କୁ ପୋଲିସ ଜିମା ଦିଆଯିବ। ସେହିପରି ବିଭିନ୍ନ କମିଟି ମଧ କରାଯାଇ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଗଙ୍ଗାଧର କର ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କୁ ମଧ ଶୃଙ୍ଖଳାର ସହ ଛାତ୍ର ସଂସଦ ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ଅନୁଗୋଳ ଅଫିସ, ୧।୧୦- ଓଡ଼ିଶା ରକ୍ତ ଭଣ୍ଡାର ଓ ଜିଲା ମୁଖ୍ୟ ଚିକିତ୍ସାଳୟର ମିଳିତ ସହଯୋଗରେ ସୋମବାର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ରକ୍ତ ଭଣ୍ଡାର ସମ୍ମିଳନୀ ଗୃହରେ ପାଳିତ ହୋଇଯାଇଛି। ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲାରେ ରକ୍ତ ସଂଗ୍ରହ ନିମନ୍ତେ ଅଧିକ ସଂଖ୍ୟାରେ ସାମାଜିକ କର୍ମୀ ସୃଷ୍ଟି କରି ଏହି ମହତ କାର୍ଯ୍ୟକୁ ସଫଳତାର ସହିତ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅନ୍ୟର ଜୀବନ ବଞ୍ଚାଇବାରେ ସହାୟକ ହେବାକୁ ଜିଲାପାଳ ଉପସ୍ଥିତ ସାମାଜିକ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାରେ ୫୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ ଓ ୬ରୁ ଉର୍ଦ୍ଧ୍ୱ ଶିବିର ଆୟୋଜନ କରିଥିବା ସାମାଜିକ କର୍ମୀ ଓ ବିଭିନ୍ନ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଯକ୍ଷ୍ମା ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ ଓ ରକ୍ତ ଭଣ୍ଡାର ଅଧିକାରୀ ଡା. ବିଶ୍ୱଜିତ ସାମଲଙ୍କ ସମେତ ବିଭିନ୍ନ ସାମାଜିକ କର୍ମୀ, ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।

### କାଇମେଟ ବଞ୍ଚାଅ ଦାବିରେ ଆଜିଠାରୁ ଅନଶନ

ଛେଣ୍ଡିପଦା,୧।୧୦(ସ୍ୱ.ପ୍ର.)- କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ମାଇନିଂ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (କାଇମେଟ) ବଞ୍ଚାଅ ଅଭିଯାନରେ ୭ ଦଫା ଦାବି ନେଇ ମଙ୍ଗଳବାରଠାରୁ ଛେଣ୍ଡିପଦା ଗ୍ରାମ କମିଟି ପକ୍ଷରୁ ଅନଶନ କରାଯିବ। କାଇମେଟ, ଛେଣ୍ଡିପଦାର ସୁପରିଚାଳନା, ନାମଲେଖା, ସଂସ୍କାର ଗଚ୍ଛିତ ଟଙ୍କାର ସୁରକ୍ଷା ଆଦି ଦାବି ନେଇ ବ୍ଲକ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ଶୋଭାଯାତ୍ରା ଦେବଗଡ ଛକଠାରୁ ବାହାରିବ। ତହସିଲ ଅଫିସ୍ ସମ୍ମୁଖରେ ଶୋଭାଯାତ୍ରା ପହଞ୍ଚିବା ପରେ ଅନଶନ କରାଯିବ ବୋଲି ଛେଣ୍ଡିପଦା ଗ୍ରାମ୍ୟ କମିଟି ସଭାପତି ପ୍ରକାଶ କରିଛନ୍ତି।

୨୯୫ ନିର୍ମାଣ ଶ୍ରମିକଙ୍କୁ ସହାୟତା ଉପକରଣ ପ୍ରଦାନ

# ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୧।୧୦**

ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା କୋଠାବାଡ଼ି ଓ ଅନ୍ୟ ନିର୍ମାଣ ଶ୍ରମିକଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନୁଗୋଳ ଜିଲା ଶ୍ରମ କାର୍ଯ୍ୟାଳୟ ତରଫରୁ ସୋମବାର ଅନୁଗୋଳ ଓ ବଣ୍ଠରପାଳ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ପୌରପାଳିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିବା ସହ ଜିଲାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା ନିର୍ମାଣ ଶ୍ରମିକମାନଙ୍କୁ ଠିକ୍ ଭାବେ ଚିହ୍ନଟ ଏବଂ ପଞ୍ଜୀକୃତ କରି ବିଭିନ୍ନ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସଚେତନତା ଅଭାବରୁ ଅନୁଗୋଳ ଜିଲାରେ ଶ୍ରମିକ ପଞ୍ଜୀକରଣ ସଂଖ୍ୟା କମ୍ ଥିବାରୁ ଏହାକୁ ବୃଦ୍ଧି କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅନିଲ କୁମାର ସାମଲ ଯୋଗ ଦେଇ ସରକାରଙ୍କ ତରଫରୁ ଶ୍ରମିକମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ସେମାନଙ୍କ ସାମାଜିକ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲା ଶ୍ରମ ଅଧିକାରୀ ଲକ୍ଷଣ ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ହସ୍ତଶିଳ୍ପ ନିଗମର ପୂର୍ବତନ ଅଧ୍ୟକ୍ଷ ତଥା ଶ୍ରମିକ ନେତା ତ୍ରିଲୋଚନ ପ୍ରଧାନ ଓ ସହକାରୀ ଶ୍ରମ କମିଶନର ଦୁର୍ଯ୍ୟୋଧନ ସେଠୀ ଯୋଗ ଦେଇ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ସହାୟତା ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ୨୯୫ ଶ୍ରମିକଙ୍କୁ ପଞ୍ଜୀକୃତ କାର୍ଡ ପ୍ରଦାନ କରିବା ସହ ୨୭ ଜଣଙ୍କୁ ୧ ଲକ୍ଷ ୭୪ ହଜାର ଟଙ୍କାର ଶିକ୍ଷା ସହାୟତା, ୩୪ ଜଣଙ୍କୁ ୮ ଲକ୍ଷ ୫୦ ହଜାର ଟଙ୍କାର ବିବାହ ଖର୍ଚ୍ଚ ପାଇଁ ସହାୟତା, ୨ ଜଣଙ୍କୁ ୨୦ ହଜାର ଟଙ୍କାର ପ୍ରସୂତିକାଳୀନ ସହାୟତା, ୧୦ ଜଣଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କାର ମୃତ୍ୟୁକାଳୀନ ସହାୟତା ଓ ୨୨୨ ଜଣଙ୍କୁ ୮ ଲକ୍ଷ ୮୮ ହଜାର ଟଙ୍କାର ବାଇ ସାଇକେଲ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଅନୁଗୋଳ ଶ୍ରମ ଜିଲାରେ ବର୍ତ୍ତମାନ ସୁଦ୍ଧା ୩୪ ହଜାର ୪୮୦ ଜଣ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇ ବିଭିନ୍ନ ସହାୟତା ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା, ଶ୍ରମିକ ଓ ଶ୍ରମ ବିଭାଗ କର୍ମଚାରୀ ଯୋଗ ଦେଇଥିଲେ।


ନିର୍ମାଣ ଶ୍ରମିକଙ୍କୁ ସାଇକେଲ ପ୍ରଦାନ କରାଯାଉଛି।

## ମଦ ବିରୋଧୀ ମହିଳା ବ୍ଲକ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ


ମହିଳାମାନେ ବ୍ଲକ ଅଫିସ୍‌କୁ ଅଭିଯୋଗ କରିବାକୁ ଆସିଛନ୍ତି।

**ବଣ୍ଠରପାଳ, ୧।୧୦(ଡି.ଏନ.ଏ.)**
ନାଲ୍‌କୋ ଥାନା ଗିରାଙ୍ଗ ଛକଠାରେ ଥିବା ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବିରେ ଦୀର୍ଘ ଦିନ ହେଲା ଆନ୍ଦୋଳନ ଚଳାଇଥିବା ମହିଳାମାନେ ସୋମବାର ବ୍ଲକ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେଠାରୁ ମଦ ଦୋକାନକୁ ତୁରନ୍ତ ଉଚ୍ଛେଦ ପାଇଁ ଦାବି କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ଏପ୍ରିଲ ୯ ତାରିଖଠାରୁ ମହିଳାମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଥିବାବେଳେ ମଦ ଦୋକାନ ସେଠାରୁ ଉଚ୍ଛେଦ କରାଯାଉ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଯୁବନେତା ଶିଶିର ଗଡନାୟକଙ୍କ ନେତୃତ୍ୱରେ ସିଫଳା ଗଡ଼ନାୟକ, ମିତାରାଣୀ ସାମଲ, ସୁଲୋଚନା ଗଡନାୟକ, ସଂଯୁକ୍ତା ସାମଲ, ଆରତୀ ସାମଲ ପ୍ରମୁଖ ସ୍ମାରକପତ୍ର ପ୍ରଦାନରେ ସାମିଲ ହୋଇଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ମାନସ


@ ଶିଲ୍ପା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

ଢେଙ୍କାନାଳ କଲେଜ ଛାତ୍ର ସଂସଦ ନିର୍ବାଚନ ବିଜ୍ଞପ୍ତି

# ୩ରେ ପ୍ରାର୍ଥୀପତ୍ର ଦାଖଲ, ୧୧ରେ ନିର୍ବାଚନ

**ଢେଙ୍କାନାଳ ଅଫିସ,୧।୧୦**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇବା ସହିତ କ୍ୟାମ୍ପସ୍ ବାତାବରଣ ଚଳଚଞ୍ଚଳ ହୋଇଛି। ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୩ ତାରିଖ ପୂର୍ବାହ୍ନ ୯ଟାଠାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ, ଉକ୍ତ ଦିନ ଅପରାହ୍ନ ୨ଟାଠାରୁ ୪ଟା ମଧ୍ୟରେ ପ୍ରାର୍ଥୀପତ୍ର ଯାଞ୍ଚ, ୪ ତାରିଖ ପୂର୍ବାହ୍ନ ୧୧ଟା ସମୟରେ କାଏମ ରହିଥିବା ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ। ଉକ୍ତଦିନ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର, ୫ଟାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା, ୧୦ ତାରିଖ ପୂର୍ବାହ୍ନ ୧୧ଟାରେ ମୁଁ କାହିଁକି ଛିଡା ହୋଇଛି ଶୀର୍ଷକ ବୈଠକ, ୧୧ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଓ ଅପରାହ୍ନରେ ଫଳାଫଳ ଘୋଷଣା କରାଯିବ। ୧୨ ତାରିଖ ପୂର୍ବାହ୍ନ ୧୧ଟାରେ ନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସୁରେନ୍ଦ୍ରନାଥ ଷଡଙ୍ଗୀ, ଉପଦେଷ୍ଟା ରମେଶଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଚଳିତବର୍ଷ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ଲିଙ୍ଗଡୋ କମିଶନଙ୍କ ନିୟମ ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ହେବ ବୋଲି କଲେଜ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ କିଏ କେଉଁ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରିବେ ସେଥିପାଇଁ ବିଭିନ୍ନ ଛାତ୍ର ଗୋଷ୍ଠୀ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି।


ଢେଙ୍କାନାଳ କଲେଜ ପରିସର।


ଅନୁଗୋଳ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ପ୍ଲାଷ୍ଟିକ ମୁକ୍ତ ଅଭିଯାନକୁ ସମର୍ଥନ କରୁଛନ୍ତି।


ଢେଙ୍କାନାଳ ସହରସ୍ଥିତ ଭଗବାନପୁର ସୁନରିଖାଇ ନିକଟରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଓ ଗୁରୁମାଗୁରୁଜୀମାନେ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସଚେତନ କରାଉଛନ୍ତି।

DADLS-124

ଓଡ଼ିଶା ସରକାର

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ନିମନ୍ତେ ରାଜ୍ୟସ୍ତରୀୟ ସମାରୋହ

୦୨ ଅକ୍ଟୋବର, ୨୦୧୮



ସମୟ – ସକାଳ ଘ.୧୦.୧୦ମି.    ସ୍ଥାନ : ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା

ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ
ଏବଂ ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ମାନ୍ୟବର ବିଧାୟକବୃନ୍ଦ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବେ ।

| | | |
|---|---|---|
| ପୂର୍ବାହ୍ନ ଘ.୧୧.୩୦ ମି. | ଜୟଦେବ ଭବନ | ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ । |
| ଅପରାହ୍ନ ଘ.୪.୩୦ ମି. | ରାଜ୍ୟ ଅଭିଲେଖାଗାର | ଗାନ୍ଧୀ ଚର୍ଚ୍ଚା |
| ସନ୍ଧ୍ୟା ଘ.୬.୩୦ ମି. | ଜୟଦେବ ଭବନ | |

ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ, ହରପ୍ରିୟା ସ୍ୱାଇଁ, ପ୍ରତିଭା ଦାଶ, ପୁଷ୍ପଲତା ମହାଳିକ, ସୁଲଗ୍ନା ରଥ, ପ୍ରଦୀପ ପଲେଇ, ପ୍ରଭାତ ପାତ୍ର, ନଳିନୀକାନ୍ତ ରଥ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ଦାସ, ଅଧ୍ୟାପକ ଚନ୍ଦନ କୁମାର ଜେନା ଏବଂ ସ୍ମାଇଲ ମହାନ୍ତି, ସୋନାଲି କର ଓ ବସୁନ୍ଧରା ପରିଡ଼ାଙ୍କ ଦ୍ୱାରା ଗାନ୍ଧୀ ଭଜନ ପରିବେଷଣ ।
ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଏବଂ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0269/1819

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ଅକ୍ଟୋବର ୨ /୨୦୧୮ Dhenkanal-Angul, Tuesday, October 2 / 2018

# ମହିଳାଙ୍କୁ ଆକ୍ରମଣ କରି ଅଳଙ୍କାର ଲୁଟ୍

**ଢେଙ୍କାନାଳ ଅଫିସ,୧।୧୦**

- ଅଭିଯୋଗ ରଖିଲାନି ପୋଲିସ
- ଜିଲାପାଳଙ୍କୁ ଜଣାଇଲେ

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ନିତ୍ୟାନନ୍ଦପୁର ଗ୍ରାମର ଦୀନବନ୍ଧୁ ଦାସଙ୍କ ସ୍ତ୍ରୀ ପ୍ରତିମା ଦାସଙ୍କୁ ରବିବାର ୩ ଜଣ ଦୁର୍ବୃତ୍ତ ଆକ୍ରମଣ କରି ଅଳଙ୍କାର ଲୁଟି ନେଇଥିଲେ ହେଁ ପୋଲିସ ଅଭିଯୋଗ ରଖି ନ ଥିବା ଅଭିଯୋଗ ହୋଇଛି। ଏପରିକି ଜଣେ ଅଭିଯୁକ୍ତଙ୍କୁ ନିତ୍ୟାନନ୍ଦପୁର ପୋଲିସକୁ ହସ୍ତାନ୍ତର କରାଯାଇଥିଲେ ହେଁ ପୋଲିସ ତାଙ୍କୁ ଛାଡିଦେଇଥିବା ନେଇ ପ୍ରତିମା ଓ ତାଙ୍କ ପରିବାର ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗରୁ ଜଣାଯାଏ, ରବିବାର ରାତିରେ ୩ ଜଣ ବ୍ୟକ୍ତି ପ୍ରତିମାଙ୍କ ଘର କବାଟ ବାଡେଇଥିଲେ। ସେ କବାଟ ଖୋଲିବା କ୍ଷଣି ଅଭିଯୁକ୍ତମାନେ ବନ୍ଧୁକ, ଭୁଜାଲି ଓ ଖଣ୍ଡା ଧରି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ବୋହୂ ପ୍ରତିବାଦ କରିବାରୁ ତାଙ୍କୁ ମଧ ଧମକାଇବା ସହ ବେକରୁ ସୁନା ଅଳଙ୍କାର ଲୁଟି ନେଇଥିଲେ। ପାଟିଶୁଣି ପ୍ରତିମାଙ୍କ ସ୍ୱାମୀ ଓ ପରିବାର ଲୋକେ ଆସି ଅଭିଯୁକ୍ତମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଜଣେ ଅଭିଯୁକ୍ତଙ୍କୁ କାବୁ କରି ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ପୋଲିସକୁ ହସ୍ତାନ୍ତର କରିଥିଲେ। ଘଟଣା ପରେ ପ୍ରତିମାଙ୍କୁ ଯାଜପୁର ଜିଲା ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏ ନେଇ ନିହଲପ୍ରଦାନ ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ପୋଲିସ ଅଭିଯୋଗ ନ ରଖିବା ସହ ଧରାପଡିଥିବା ଅଭିଯୁକ୍ତଙ୍କୁ ମଧ ଛାଡି ଦେଇଛି। ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ପ୍ରତିମା ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ସେ ସଦର ଏସ୍‌ଡିପିଓଙ୍କୁ ମଧ ସାକ୍ଷାତ କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ ଶେଖ ଅବଦୁଲ କରିମ କୁହନ୍ତି ଯେ, ଅଭିଯୋଗକୁ ନେଇ ତୁରନ୍ତ ମାମଲା ରୁଜୁ କରିବା ପାଇଁ ନିହଲପ୍ରସାଦ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲା ରୁଜୁ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।



ନ୍ୟାୟ ପ୍ରଦାନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ।

## ସଂକ୍ଷେପରେ

### ଆଇନ ସଚେତନତା ଶିବିର





ହିନ୍ଦୋଳ,୧।୧୦(ଡି.ଏନ.ଏ.)- ଢେଙ୍କାନାଳ ଜିଲା ହିନ୍ଦୋଳ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ତାଲୁକ ଆଇନସେବା କମିଟି ପକ୍ଷରୁ ଆୟୋଜିତ ଶିବିରରେ କମିଟି ଅଧକ୍ଷ ସବ୍ ଜଜ୍ ସି.ଏଚ.ବାସୁଦେବ ପାତ୍ର ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ସହକାରୀ ଜିଲାପାଳ ଗଜାନନ ପ୍ରଧାନ, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବ୍ରହ୍ମାନନ୍ଦ ପଟ୍ଟନାୟକ ଓ ଆଇନଜୀବୀ ପ୍ରଶାନ୍ତ କୁମାର ପତି ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଯୋଜନା ଏବଂ ଆଇନସ୍ତରରେ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ପିଏଲଭି ଶ୍ରୀକାନ୍ତ କୁମାର ବେହେରା ଏବଂ ମୁରଲୀଧର ପ୍ରଧାନ ବରିଷ୍ଠମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ପିଏଲଭି ସନ୍ତୋଷ ମହାପାତ୍ର, ଶ୍ୟାମଘନ ଭୂତିଆ, ବସନ୍ତ ସାହୁ, ପ୍ରକାଶ ନାଥଙ୍କ ସମେତ ବହୁ ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନ, ଅରୁଣ ନାୟକ, କୋର୍ଟ କର୍ମଚାରୀ ସୁଧାଂଶୁ ବାରିକ ସହଯୋଗ କରିଥିଲେ।

### ଯୁବକଙ୍କ ମୃତଦେହ ଉଦ୍ଧାର

ଢେଙ୍କାନାଳ ଅଫିସ,୧।୧୦- ଢେଙ୍କାନାଳ ସହରସ୍ଥିତ ଜବାହାରଚୌକଠାରେ ରହୁଥିବା ପ୍ରଦୀପ କୁମାର ସାହୁ(୩୬) ଙ୍କ ମୃତଦେହ ସୋମବାର ସକାଳେ ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଛି। ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ। ତେବେ ପ୍ରଦୀପ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ୩ ମାସ ତଳେ ସେ ବିବାହ କରିଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ-୨୪।୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୫୩୦ ଜଣଙ୍କୁ ଭତ୍ତା ପ୍ରଦାନ

**କାମାକ୍ଷାନଗର,୧।୧୦(ଡି.ଏନ.ଏ)**

ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ମହାବିରୋଡ ହାଟ ପଡିଆଠାରେ ସୋମବାର ବ୍ଲକ ପକ୍ଷରୁ ୯ଟି ପଞ୍ଚାୟତର ୫୩୦ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। କଙ୍କଡାହାଡ ବିଡିଓ ଦେବଦତ୍ତ ମହାନ୍ତଙ୍କ ଅଧକ୍ଷତାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ଉପସ୍ଥିତ ରହି ଗଡପଳାଶୁଣୀ, ଝିଲୀ, ଦଶିପୁର, ପଙ୍ଗାତିରା, ବିରିବୋଲେଇ, ଘାଗରାମୁଣ୍ଡା, କୁଟୁରିଆ ଓ ମହାବିରୋଡ ଆଦି ପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ରାଜ୍ୟରେ କୌଣସି ବୃଦ୍ଧାବୃଦ୍ଧଙ୍କୁ ଭୋକିଲା ରହିବାକୁ ଦିଆଯିବନି । ଏଥିପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ପ୍ରୟାସ କରାଯିବା ସହ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଜାରି ରହିଛି। ବିଜେଡି ଜୋନ୍ ସଭାପତି ଇଂ ରାଜେଶ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ସରପଞ୍ଚ ଗୁଣନିଧି ସାହୁ, ଜିଲା ପରିଷଦ ସଭ୍ୟା ସୁକାନ୍ତି ପ୍ରଧାନଙ୍କ ସମେତ ବ୍ଲକର ବିଜେଡି ନେତାମାନେ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ନଳିନୀ ସିଂ ଓ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ ସହଯୋଗ କରିଥିଲେ । ପରେ ବିଜୁ ଯୁବ ବାହିନୀ ପକ୍ଷରୁ ମହାବିରୋଡ ଡାକ୍ତରଖାନା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଯୁବ ବାହିନୀ ସଭାପତି ଦୀପ୍ତି ରଞ୍ଜନ ଜେନା ଓ ସମ୍ପାଦକ ସୁଜିତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମନ୍ତ୍ରୀ ଭତ୍ତା ପ୍ରଦାନ କରୁଛନ୍ତି।

## ଖବରଦାତାଙ୍କୁ ଆକ୍ରମଣକୁ ନିନ୍ଦା

**ସାତମାଇଲି,୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଓ ପୁରୀଠାରେ ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକ ସଂଘ ସଭାପତି ସୁମନ୍ତ ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଦାବି ହୋଇଛି। ସଂଘ ସଦସ୍ୟ ବ୍ରହ୍ମାନନ୍ଦ ପଟ୍ଟନାୟକ, ବିଶେଶ୍ୱର ସେଠୀ , ଦୀପ୍ତିକାନ୍ତ ପ୍ରଧାନ, ସୁଶାନ୍ତ ପତି, ପ୍ରତାପ ପଟ୍ଟନାୟକ, ନରେଶ ପାଳ, ପ୍ରଭାତ ରଞ୍ଜନ ପୃଷ୍ଟି, ବିକ୍ରମ ସାହୁ, ସୌଭାଗ୍ୟ ରଞ୍ଜନ ସର, ସରୋଜ ମିଶ୍ର, ରବିନାରାୟଣ ପଟ୍ଟନାୟକ, ସରୋଜ ଭୁତିଆ, ଦୁଷ୍ମନ୍ତ କୁମାର ମିଶ୍ର, ତପନ ପରିଡା, ପ୍ରିୟ ଦର୍ଶନ ଆଚାର୍ଯ୍ୟ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।





ବିଏସ୍‌ଏନ୍‌ଏଲ ପକ୍ଷରୁ ଅନୁଷ୍ଠିତ ହିନ୍ଦୀପକ୍ଷ କାର୍ଯ୍ୟକ୍ରମ।

- ବିଏସ୍‌ଏନ୍‌ଏଲ ପକ୍ଷରୁ ହିନ୍ଦୀପକ୍ଷ ଉଦ୍‌ଯାପିତ

# ଜାତିକୁ ଗୌରବ ପ୍ରଦାନର ବାହକ ଭାଷା

**ଢେଙ୍କାନାଳ ଅଫିସ,୧।୧୦**

ଭାଷା କେବଳ ଭାବ ବିନିମୟର ମାଧମ ନୁହେଁ। ଏହା ଯେ କୌଣସି ରାଷ୍ଟ୍ର, ଜାତି ବା ସଂସ୍କୃତିକୁ ଗୌରବ ପ୍ରଦାନ କରିବାର ବାହକ ବୋଲି ଶନିବାର ଢେଙ୍କାନାଳ ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟରେ ଶନିବାର ହିନ୍ଦୀପକ୍ଷ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତ ପ୍ରକାଶ କରିଛନ୍ତି କଟକ ଦୂର ସଞ୍ଚାର ଜିଲା ପ୍ରଧାନ ମହାପ୍ରବନ୍ଧକ ହରିଶଚନ୍ଦ୍ର ମହାନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଖିଳ ଭାରତୀୟ ସଦଭାବନା ସଂଘର ଅଧକ୍ଷ ତଥା ବିଶିଷ୍ଟ ହିନ୍ଦି କବି ସୁଖ୍ ମଙ୍ଗଲ ସିଂ କହିଲେ ଯେ, ହିନ୍ଦି ଭଳି ଏକ ବହୁଳ ବ୍ୟବହୃତ ଭାଷା ଶିଖିବା ନିହାତି ଆବଶ୍ୟକ। ମୁଖ୍ୟବକ୍ତା କେନ୍ଦ୍ରୀୟ ବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ରାଜଶ୍ରୀ ସିଂ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। ଢେଙ୍କାନାଳ ଦୂରସଞ୍ଚାର ଜିଲା ମହାପ୍ରବନ୍ଧକ ପ୍ରଦୀପ କୁମାର ମଲିକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ଲକ୍ଷ୍ମୀ ନାରାୟଣ ମହାପାତ୍ର, ସଞ୍ଜୀବ କୁମାର ରାଉତରାୟ, ସୁଶାନ୍ତ କୁମାର ନାଥ, ତପସ୍ୱୀ ପ୍ରସାଦ ବେହେରା, ବୃନ୍ଦାବନ ବେହେରା, ରବୀନ୍ଦ୍ର କୁମାର ଷଡଙ୍ଗୀ, ରଶ୍ମୀରଞ୍ଜନ ସାହୁ, ଦେବାଶିଷ ସାହୁ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କର୍ମଚାରୀମାନଙ୍କ ମଧରେ ସରୋଜ ରଞ୍ଜନ ଦାସ, ରବି ନାରାୟଣ ସାହୁ, ପ୍ରତିମା ସାହୁ, ମହମ୍ମଦ ଅଜଗର ଅଲ୍ଲୀ, ତ୍ରିବେଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାରୋହ ଅବସରରେ ଅନୁବାଦ, ଟିପ୍ପଣୀ ଲିଖନ, ବକ୍ତୃତା, କବିତାପାଠ, ଚିତ୍ରାଙ୍କନ, ସଙ୍ଗୀତ ଏବଂ ନୃତ୍ୟଭିତ୍ତିକ ହିନ୍ଦି ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ହିନ୍ଦୀ କ୍ଷୁଦ୍ର ନାଟକ 'ଇମାନଦାର' ମଞ୍ଚସ୍ଥ ହେବା ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ହିନ୍ଦୀ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁ ଶ୍ରୀଧର ମହାନ୍ତି ଓ ବିଜୟରାମ ତ୍ରିପାଠୀ ସହଯୋଗ କରିଥିଲେ। ସୁରସୁଦ୍ଧା ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ନୃସିଂହନାଥ ମହାରଣା ସଂଯୋଜନା କରିଥିଲେ।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ,୧।୧୦**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଇନ୍ଦିପୁର ଗ୍ରାମରେ ଏଲିମେଣ୍ଟାରି ଆଣ୍ଡ ଟେକ୍‌ନିକାଲ ସ୍କୁଲ କାଉନସିଲ ଅଫ୍ ଇଣ୍ଡିଆ ପକ୍ଷରୁ ମହିଳାଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ସିଲେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଯାପନୀ ଦିବସରେ ରାଜ୍ୟ ସଂଯୋଜକ ଶୁଭମ୍‌ସାଇ ମିଶ୍ର, ସହସଂଯୋଜକ ଯଶୋବନ୍ତ ନାରାୟଣ ସାହୁ, ବ୍ଲକ ସଂଯୋଜକ ଗଦାଧର ଦାସ, ପ୍ରକାଶ କୁମାର ପରିଡା, ଶୁଭଲକ୍ଷ୍ମୀ ନାୟକ ପ୍ରମୁଖ ଯୋଗଦେଇ ମହିଳା ମାନଙ୍କୁ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ପରିଚାଳିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





- ଗାନ୍ଧୀ ଓ ବିଶ୍ୱ ଶୀର୍ଷକ ଆଲୋଚନାଚକ୍ର

# ଶାନ୍ତିର ପ୍ରଚାରକ ଥିଲେ ଗାନ୍ଧିଜୀ

**ଢେଙ୍କାନାଳ ଅଫିସ,୧।୧୦**

ଢେଙ୍କାନାଳ ରଥଗଡାସ୍ଥିତ ଉତ୍ଫୁଲ୍ଲା କାର୍ଯ୍ୟାଳୟରେ ସୋମବାର ଗାନ୍ଧୀ ଓ ବିଶ୍ୱ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଆଲୋଚନା ଚକ୍ର ଉଦ୍‌ଘାଟନ କରି କହିଲେ ଯେ, ଗାନ୍ଧିଜୀ ବିଶ୍ୱରେ ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କରୁଥିଲେ। ତେଣୁ ସମଗ୍ର ବିଶ୍ୱ ତାଙ୍କର ଜୟନ୍ତୀକୁ ଅନ୍ତର୍ଜାତୀୟ ଅହିଂସା ଦିବସ ରୂପେ ପାଳନ କରୁଛି ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ କହିଲେ ଯେ, ଗାନ୍ଧିଜୀ ବିଶ୍ୱରେ ଏକମାତ୍ର ବ୍ୟକ୍ତି ଯିଏକି ଅହିଂସା ମାଧମରେ ଭାରତକୁ ସ୍ୱାଧୀନତା ଆଣି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅକ୍ଷୟ ଶତପଥୀ, ପ୍ରଫେସର ଦିଲୀପ ନନ୍ଦ, ଉପେନ୍ଦ୍ର ରାଉତ, ଦୈତାରୀ ପରିଡା, ଲକ୍ଷ୍ମୀଧର ସାହୁ, ସରୋଜ ଶତପଥୀ, କବି ବାହାଦୂର ପାଟସାହାଣୀ, ଜମେଶ୍ୱର ପୃଷ୍ଟି, ଦେବୀପ୍ରସାଦ ମିଶ୍ର, ଘନଶ୍ୟାମ ସାହୁ, ସୁଧାଂଶୁ ଦଳେଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କବି ସୁକାନ୍ତି ସାହୁ, ସରିତା ପାଟସାହାଣୀ, ମମତା ମିଶ୍ର, କବି କୁଞ୍ଜ ସାହୁ, ଲୋକନାଥ ମହାପାତ୍ର, ବିଦ୍ୟାଧର ବାରିକ, ରିଙ୍କୁ ପତି ଗାନ୍ଧିଜୀଙ୍କ ଉପରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଉତ୍ଫୁଲ୍ଲାର ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମହାସଚିବ ଦୀପାୟନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରଶାନ୍ତ ମିଶ୍ର, ପ୍ରସାଦ ପଟ୍ଟନାୟକ ଓ ବିଚିତ୍ରାନନ୍ଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସ୍କାଏନେଟ୍ କମ୍ପ୍ୟୁଟର ନିର୍ଦ୍ଦେଶକ ଇଂ. ଅବିନାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କାମାକ୍ଷାନଗର,୧।୧୦(ଡି.ଏନ.ଏ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକରେ ଥିବା ୧୭ଟି କ୍ଲଷ୍ଟରରେ ସୋମବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ଜଳଧର ଲେଙ୍କା, କୃଷ୍ଣଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଭଗୀରଥିପୁର କ୍ଲଷ୍ଟର ସିଆରସିସି ଧନେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମହୁଲପାଳ କ୍ଲଷ୍ଟର ନିଗମାନନ୍ଦ ହାଇସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଆରସିସି ମନୋଜ ସାହୁ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ପଣ୍ଡା ମୁଖ୍ୟଅତିଥି, ତପନ କୁମାର ଶତପଥୀ, ପ୍ରେମାନନ୍ଦ ପରିଡା, ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ